# ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ



ତାଳଚେର ସହର, ୩୧।୧(ସମିସ): ଅନୁଗୁଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ବିଜୁଗୁଳ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟ କଣିହାଁର ଇଂରାଜୀ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ, ବିଶିଷ୍ଟ ଅତିଥି ଭାବେ କଣିହାଁ କଲେଜର ପ୍ରିନ୍ସିପାଲ୍ ମଦନ ମୋହନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଜିଏମ୍ କଲେଜ ମହେଶ ପ୍ରସାଦ ପାଣି, ଅବସରପ୍ରାପ୍ତ ଡାକ୍ତର ସ୍ନେହଲତା ନାଥ, ଏନଟିପିସି ଥାନା ଅଧିକାରୀ ସନ୍ତୋଷ କୁମାର ସେଠୀ, ପଦାର୍ଥ ବିଜ୍ଞାନ ଅଧ୍ୟାପକ କଣିହାଁ କଲେଜ ସତ୍ୟ ନାରାୟଣ ପରିଡ଼ା, ଗଣିତ ଅଧ୍ୟାପକ କଣିହାଁ କଲେଜ ନାରାୟଣ ଦାସ, ଇଂରାଜୀ ଅଧ୍ୟାପକ କଣିହାଁ କଲେଜ ଗଣେଶ୍ୱର ଗଡ଼ନାୟକ, ସାଗରିକା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କଳା ପ୍ରଦର୍ଶନ କରାଯାଇଥିଲା। ପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଅଭିଭାବକଙ୍କୁ ସେମାନଙ୍କର ଉତ୍ତମ ଦକ୍ଷତା ପ୍ରଦର୍ଶନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

କଣିହାଁ, ୩୧।୧ (ସମିସ):



ଅନୁଗୁଳ ଜିଲ୍ଲା ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହା ବ୍ଲକ ଅନ୍ତର୍ଗତ ଦଳକ ଓ ତାଳପଦା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ମୁକେଶ କୁମାର ପାଳ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଆମ ଓଡ଼ିଶା ନବୀନ ଓଡିଶା ଜିଲ୍ଲା ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ସାହୁ, ତାଳଚେର ଉପଖଣ୍ଡର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ମୋନାଲିସା ମାହୁନ୍ତ, କନିଷ୍ଠ ଯନ୍ତ୍ରୀ ଟିକନ ନାୟକ, କଣିହା ବ୍ଲକ ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ହିମାଞ୍ଚଳ ପଣ୍ଡା ଯୋଗ ଦେଇଥିଲେ। ଗଡ଼ଜାତ ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପବିତ୍ର ମୋହନ ପ୍ରଧାନଙ୍କ ଜନ୍ମଭୂମି ପୋଇପାଳକୁ ରାସ୍ତାର ଉନ୍ନତିକରଣ, ସଂପ୍ରସାରଣ ପ୍ରକଳ୍ପକୁ ଦଳକ ଛକରୁ ପୋଇପାଳ ପର୍ଯ୍ୟନ୍ତ ୨ କୋଟି ୯୫ ଲକ୍ଷ ଟଙ୍କା, ଆମ ଓଡ଼ିଶା ନବୀନ ଓଡିଶା ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମର ପବିତ୍ରମୋହନ ଗୋଷ୍ଠୀ କେନ୍ଦ୍ରକୁ ୯ ଲକ୍ଷ ୫୦ ହଜାର ଟଙ୍କା ଏବଂ ବଳିଆ ନଗର ଛକରୁ ତାଳପଦା ପଞ୍ଚାୟତ ଦୁର୍ଗାପୁର ଗ୍ରାମକୁ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ଅବସରରେ ତାଳପଦା ସରପଞ୍ଚ ରାଜେନ୍ଦ୍ର କୁମାର ବେହେରା, ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ, ଦଳକ ପଞ୍ଚାୟତ ନାଏବ ସରପଞ୍ଚ ଗୌରାଙ୍ଗ ଚରଣ ସାହୁ, ପଞ୍ଚାୟତ ସଭାପତି ଜୟନ୍ତ କୁମାର ପ୍ରଧାନ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଅନନ୍ତ ଡିଏଭିରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




ତାଳଚେର, ୩୧।୧(ସମିସ):

ଏମସିଏଲ, ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ, ଅନନ୍ତ ବିହାର ପରିସରରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ପ୍ରଭାତରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଉଦଘାଟନୀ ଉତ୍ସବରେ ଏମ୍.ସି.ଏଲ୍. ଜଗନ୍ନାଥ କ୍ଷେତ୍ରର ମହାପ୍ରବନ୍ଧକ (ପର୍ସନାଲ୍) ବିରଞ୍ଚି ଦାସ ଏବଂ ଏସ୍‌ଓ (ସିଭିଲ୍) ଏ.ତୀର୍ଥ ମଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ମଶାଲ ସ୍ଥାପନ ପୂର୍ବକ ଉତ୍ସବର ଶୁଭ ଉଦଘାଟନ କରିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଉତ୍ସବ ପାଇଁ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତର ବିଭିନ୍ନ ପ୍ରକାରର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତି ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ଏହି ଅନୁଷ୍ଠାନ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ବର୍ଷ ତମାମ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହିତ ପୁରସ୍କୃତ କରିଥିଲେ। ପୁନଶ୍ଚ ଅପରାହ୍ନରେ ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ସମ୍ମାନୀୟ ଅତିଥି ଭାବେ ଅନନ୍ୟା ମହିଳା ମଣ୍ଡଳର ସମ୍ପାଦିକା ମନିଷା ସିଂହ ସମେତ ସଦସ୍ୟାଗଣ, ଡିଏଭି ପବ୍ଲିକ୍ ସ୍କୁଲ, ଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ ଏବଂ ଲିଙ୍ଗରାଜ କ୍ଷେତ୍ରର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପୃଷ୍ଟି ଉପସ୍ଥିତ ରହି ସଫଳ ପ୍ରତିଯୋଗୀଙ୍କୁ କପ ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବର୍ଷ ତମାମ ଅନୁଷ୍ଠିତ ଆନ୍ତଃ ହାଉସ୍ ପ୍ରତିଯୋଗିତାର ବିଭିନ୍ନ ଫଳାଫଳ ଆଧାରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା କ୍ରୀଡା ଚମ୍ପିୟାନ ଭାବେ ମଧୁସୂଦନ ହାଉସକୁ ସିଲ୍ଡ ପ୍ରଦାନ କରାଯାଇଥିବା ବେଳେ ଗଙ୍ଗାଧର ହାଉସକୁ ରନର୍ସ ଅପ କପ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପ୍ରତ୍ୟୁଷା ଅମାନ୍ତ ଏବଂ ଶିକ୍ଷକ କରୁଣାକର ସାହୁ ମଂଚ ସଂଚାଳନ କରିଥିବା ବେଳେ ଅଧ୍ୟାପକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ।

# ସଡ଼କ ସୁରକ୍ଷା ପରିଷଦର ଆନ୍ଦୋଳନ ପ୍ରସ୍ତୁତି

ତାଳଚେର, ୩୧।୧ (ସମିସ): ତାଳଚେର ମଧ ଦେଇ ବଁଅରପାଳ ଠାରୁ କଣିହାଁ ପର୍ଯ୍ୟନ୍ତ ଯାଇଥିବା ରାଜପଥଟି ଆଜି ତାଳଚେର ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାସ୍ତାଟିର ଉନ୍ନତି ବା ଦୋହରିକରଣ ହୋଇନଥିବା ବେଳେ ହଜାର ହଜାର କୋଇଲା ଟ୍ରକ୍ ଯିବାଆସିବା ଦ୍ୱାରା ପ୍ରତ୍ୟକ ସମୟରେ ଲୋକମାନେ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହି ରାସ୍ତାର ଉନ୍ନତି ପ୍ରତି ସରକାର ଆଖି ବନ୍ଦ କରିଦେଇଛନ୍ତି। ତାଳଚେରବାସୀ ବହୁ ଦିନରୁ ଏହାକୁ ଚାରିଲେନ୍ ବିଶିଷ୍ଟ କରିବା ସହିତ ବାଙ୍କଧରା ଠାରୁ ବହ୍ଲର ପର୍ଯ୍ୟନ୍ତ କୋଇଲା ଟ୍ରକ୍ ପରିବହନ ପାଇଁ ସ୍ୱତନ୍ତ୍ର ଓଭରବ୍ରିଜ୍ କରିବା ପାଇଁ ଦାବି କରି ଆସୁଛନ୍ତି। ପ୍ରତ୍ୟେକ ଦିନ ଦୁର୍ଘଟଣାରେ କଣିହାଁ, ପାଲଲହଡା, ପରଜଙ୍ଗ ପ୍ରଭୃତି ଅଞ୍ଚଳର ଲୋକମାନଙ୍କର ମୁଣ୍ଡ ଗଡୁଛି। ଯଥାଶୀଘ୍ର ଏହି ରାସ୍ତାଟି ଚାରିଲେନ୍ ବିଶିଷ୍ଟ କରିବା ସହିତ କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର ଓଭରବ୍ରିଜ୍ ଯଥାଶୀଘ୍ର ନିର୍ମାଣ କରିବା ପାଇଁ ତାଳଚେର ସଡକ ସୁରକ୍ଷା ପରିଷଦ ସରକାରଙ୍କ ପାଖରେ ଦାବି କରିଛି। ପୁର୍ନବାର ଦାବିପତ୍ର ଦିଆଯାଇ ଆନ୍ଦୋଳନ କରାଯିବା ପାଇଁ ଆଜି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପରିଷଦର ସଭାପତି ସଂଗ୍ରାମ କେଶରୀ କୁଅଁର, ସଂପାଦକ ବାପି ମହାନ୍ତି, ପୂର୍ବତନ ନଗରପାଳ କେଶବ ଭୂତିଆ, ପୂର୍ବତନ ଟ୍ରକ୍ ମାଲିକ ସଂଘ ସଭାପତି ଦିଲୀପ ପାଣି, ମହିଳା କଲେଜ୍ ର ପୂର୍ବତନ ଅଧ୍ୟକ୍ଷା ଶୌଭାଗିନୀ ଦାସ, ଆପ୍ ନେତା ରଂଜିତ୍ ମହାପାତ୍ର, ବଜରଙ୍ଗ ଅଗ୍ରୱାଲା, ପ୍ରଫୁଲ ନାଏକ, ଅଭୟ ପାଣି, ବିନୋଦ ଲାଲ୍, ଉତ୍କଳ ସିଂ, ଆର.ପି.ଆଇ. ନେତା ପ୍ରଦୀପ ଶତପଥି, ହରେକୃଷ୍ଣ ମହାପାତ୍ର, ସଂଜୀବ ନାଏକ, ପଦ୍ମ ଚରଣ ସାହୁ ବୈଠକରେ ଯୋଗଦେଇ ଆଗାମୀ ଦିନରେ ଏହି ରାସ୍ତା ପାଇଁ ଆନ୍ଦୋଳନ ଜୋରଦାର କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି।




# 'ନୂଆ- ଓ' ଭାଷା, ସାହିତ୍ୟ ସଂସ୍କୃତି ଦିବସ ଉଦ୍‌ଯାପିତ



ତାଳଚେର ସଦର ୩୧।୧ (ସମିସ): ତାଳଚେର ଶିଳ୍ପାଞ୍ଚଳ ମହିଳା ଉଚ୍ଚ ମଧ୍ୟମିକ ବିଦ୍ୟାଳୟଠାରେ ନବୀନ ଓଡିଶା ଯୁବ ଓଡିଶା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଓଡ଼ିଆ ଭାଷା ସଂସ୍କୃତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ଆଜି ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ସୁଶ୍ରୀ ଶୌଭାଗିନୀ ଦେବୀ ଯୋଗଦେଇଥିଲେ। କଲେଜର ଅଧ୍ୟକ୍ଷା ଶିବାନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ନୋଡାଲ ଅଧିକାରୀ ସଂସ୍କୃତ ବିଭାଗ ଅଧ୍ୟାପିକା ମଞ୍ଜରୀ ମହାନ୍ତି, ଭାଷା ସାହିତ୍ୟ ସଂସ୍କୃତି ଜଗନ୍ନାଥଙ୍କ ସହିତ ରହିଥିବା ପରମ୍ପରା ସମ୍ପର୍କରେ ଅବତାରଣା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପିକା ରଶ୍ମିରେଖା ପରିଡା ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ବିଭିନ୍ନ ବିଭାଗରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଛାତ୍ରୀଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ

ତାଳଚେର ସଦର ୩୧।୧ (ସମିସ): ତାଳଚେର ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟ ଠାରେ ଛାତ୍ରୀଙ୍କୁ ଆତ୍ମରକ୍ଷା କରିବା ପାଇଁ ତାଲିମ ଶିବିର ଉଦଘାଟନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଶିବାନୀ ମହାପାତ୍ର ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମାଷ୍ଟର ଟ୍ରେନର ରିମା କୁମାରୀ ଓ ଶୁଭଶ୍ରୀ ପ୍ରିୟଦର୍ଶନୀ ଭୁତିଆ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଶିକ୍ଷୟିତ୍ରୀ ସୁଷମା ଦାସ ଏବଂ ବିଦ୍ୟାଳୟ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।



# ତାଳଚେର ପୁସ୍ତକ ମେଳା ଉଦ୍‌ଯାପିତ



ତାଳଚେର, ୩୧।୧(ସମିସ): ଏକବିଂଶତମ ତାଳଚେର ପୁସ୍ତକ ମେଳା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଯୋଗଦେଇଥିଲେ। କଳା, ସାହିତ୍ୟ ଓ ସଂସ୍କୃତିକୁ ବଞ୍ଚାଇ ରଖିବାକୁ ହେଲେ ପୁସ୍ତକ ଏକମାତ୍ର ମାଧ୍ୟମ ବୋଲି ଶ୍ରୀ ପ୍ରଧାନ କହିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାର ଉନ୍ନତି ପାଇଁ ପୁସ୍ତକ ମେଳା ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ , ତାଳଚେର ପୁସ୍ତକ ମେଳା କମିଟିର ଉପସଭାପତି ତଥା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ରାଜ୍ୟରେ ତାଳଚେରର ପୁସ୍ତକ ମେଳା ଏକ ଅନନ୍ୟ ପରିଚୟ ସୃଷ୍ଟି କରିପାରିଛି ବୋଲି ପ୍ରକାଶ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ପୁସ୍ତକ ମେଳା କମିଟିର ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର ମଞ୍ଚ ସଞ୍ଚାଳନା କରିଥିଲା ବେଳେ ସାଧାରଣ ସମ୍ପାଦକ ଦେବୀ ମିଶ୍ର ବିବରଣୀ ପାଠ, କୋଷାଧ୍ୟକ୍ଷ ଇଂ ରମେଶ ବେହେରା ସ୍ୱାଗତ ଭାଷଣ, ସୌଭାଗ୍ୟ ମହାରଣା ଅତିଥି ପରିଚୟ ପ୍ରଦାନ ଓ ଯୁଗ୍ମ ସମ୍ପାଦକ ବିରଜା ଶଙ୍କର ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। ପରେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

● ତାଳଚେର ପୁସ୍ତକ ମେଳା

# ସ୍ମୃତିରେ ତୁମେ 'ଖୋକାଭାଇ' ସାଂସ୍କୃତିକ ଅନୁଷ୍ଠାନ ସମ୍ବର୍ଦ୍ଧିତ



ତାଳଚେର ସଦର, ୩୧।୧ (ସମିସ) ଜାନୁଆରୀ ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ତାଳଚେର ସାରସ୍ୱତ ପୁସ୍ତକ ମେଳା ଅନୁଷ୍ଠିତ ହୋଇଥିବା ବେଳେ ଉଦଯାପନୀ ଉତ୍ସବରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ କୁଇଜ୍ ପ୍ରତିଯୋଗିତା, ଚିତ୍ରାଙ୍କନ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତା, ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା, ଆଧୁନିକ ସଙ୍ଗୀତ ପ୍ରତିଯୋଗିତା ଓ ଭଜନ ସଙ୍ଗୀତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁସ୍ତକ ମେଳା କମିଟି ପକ୍ଷରୁ ପୁରସ୍କୃତ କରାଯାଇଛି। ସାଂସ୍କୃତିକ ମଞ୍ଚରେ ସ୍ମୃତିରେ ତୁମେ ଖୋକାଭାଇ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କ ଅନେକ ସୁପରହିଟ ସଙ୍ଗୀତ ପରିବେଷଣ କରାଯାଇଛି। ଏହା ସ୍ଥାନୀୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ହୋଇଥିବା ବେଳେ ପୁସ୍ତକ ମେଳା କମିଟି ପକ୍ଷରୁ ମୁଖ୍ୟ ଅତିଥି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀ କାନ୍ତ ସାହୁ, ତାଳଚେର ପୁସ୍ତକ ମେଳା କମିଟିର ଉପସଭାପତି ତଥା ତାଳଚେର ଏସଡିପିଓ ମାନସ୍ ରଞ୍ଜନ ବାରିକ, ପୁସ୍ତକ ମେଳା କମିଟିର ସଧାରଣ ସମ୍ପାଦକ ଦେବୀ ମିଶ୍ର, ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ଡଃ ରଶ୍ମି ରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ବିରଜା ଶଙ୍କର ମିଶ୍ର ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଭାଗ୍ୟରଥି ମହାପାତ୍ରଙ୍କୁ ସ୍ୱତନ୍ତ୍ର ମାନପତ୍ର ସହ ଉପଢୌକନରେ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଖୋକାଭାଇ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ତାଳଚେର ପୁସ୍ତକ ମେଳା କମିଟିର ସମସ୍ତ ସଦସ୍ୟଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରାଯାଇଅଛି।

## ଟିଟିପିଏସ୍ ପ୍ଲାଣ୍ଟ ଦେଇ ଯାଇଥିବା ରାସ୍ତା ମରଣଯନ୍ତା

# ପଞ୍ଚାୟତବାସୀଙ୍କୁ ମୌଳିକ ସେବା ଯୋଗାଇବା ପ୍ରତିଶ୍ରୁତି ଫେଲ୍

ତାଳଚେର, ୩୧।୧ (ସମିସ):





ଏନଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲର ନୂତନ ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ପ୍ଲାଣ୍ଟ କର୍ତ୍ତୃପକ୍ଷ ପଞ୍ଚାୟତବାସୀଙ୍କ ଆପତ୍ତି ଅଭିଯୋଗ ଶୁଣୁନାହାନ୍ତି। ଆନ୍ଦୋଳନ ସତ୍ତ୍ୱେ ପ୍ଲାଣ୍ଟ ଦେଇ ଯାଇଥିବା ପଞ୍ଚାୟତ ରାସ୍ତାକୁ ଭାଙ୍ଗି ରୁଜି ଏପରି ଅବସ୍ଥା କରିଛନ୍ତି ଯେ, ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି। ପ୍ରାୟ ୪ଟି ପଞ୍ଚାୟତ ଗୁରୁଜାଙ୍ଗୁଲି, ସନ୍ଥପଡ଼ା, ଜଗନ୍ନାଥପୁର ଓ ବନ୍ତୋଲବାସୀ ପଞ୍ଚାୟତ ରାସ୍ତାଉପରେ ନିର୍ଭର କରୁଥିବା ବେଳେ ଏବେ ଏହା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ସାଜିଛି ମରଣଯନ୍ତା। ଟିଟିପିଏସ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ପଞ୍ଚାୟତବାସୀ ଓ ସାଧାରଣ ଜନତା ଏବଂ ସ୍କୁଲ କଲେଜ ଛାତ୍ର ଛାତ୍ରୀ ଏହି ରାସ୍ତାରେ ଚଳ ପ୍ରଚଳ କରିଥାନ୍ତି। ଏଥିପ୍ରତି କେହି ହେଲେ କର୍ଣ୍ଣପାତ କରୁନଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ତାଙ୍କର ଅସଲ ଉଦ୍ଦେଶ୍ୟ ଯେ ସେହି ପୁରୁଣା ରାସ୍ତା ବନ୍ଦ କରି ଟିଟିପିଏସ୍ ଦ୍ୱାରା ନିର୍ମାଣ କରାଯାଇଥିବା ବିକଳ୍ପ ରାସ୍ତାରେ ଲୋକମାନେ ଯାତାୟାତ କରନ୍ତୁ। ଟିଟିପିଏସ୍ କର୍ତ୍ତୃପକ୍ଷ ତାରିଖ ପରେ ତାରିଖ ଦେଇ ପଞ୍ଚାୟତବାସୀଙ୍କୁ ଠକୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କର ଦାବିପୂରଣ ନହେଲେ ଆନ୍ଦୋଳନ ଜୋରଦାର ହେବ। ଆଗକୁ ଏହାକୁ ନେଇ ବଡ଼ ଧରଣର ଆନ୍ଦୋଳନ ତେଜିବାର ସମ୍ଭାବନା ରହିଛି। ତେଣୁ ଗ୍ରାମବାସୀଙ୍କ ନାର୍ଯ୍ୟ ଦାବି ପ୍ରତି ଗୁରୁତ୍ୱ ଦେବାକୁ ଏନଟିପିସି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି।



# ୪୦୭-ପିକ୍‌ଅପ୍ ମୁହାଁମୁହିଁ; ଚାଳକ ମୃତ

ଡେରାବିଶ, ୩୧।୧(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଆଜି ପ୍ରତ୍ୟୁଷରୁ କଟକ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ କୋଇଲା ବୋଝେଇ ପିକ୍‌ଅପ୍ ଭ୍ୟାନ୍ କେନ୍ଦ୍ରାପଡ଼ା ଅଭିମୁଖେ ଦାନା ବୋଝେଇ କରି ଯାଉଥିବା ଏକ ୪୦୭ସହ ମୁହାଁମୁହିଁ ଧକ୍କା ଦୋଇଥିଲା। ଫଳରେ ଉଭୟ ଗାଡ଼ିର ଡ୍ରାଇଭର ଗୁରୁତର ଅବସ୍ଥାରେ ଗାଡ଼ିଭିତରେ ଚାପି ହୋଇ ରହିଥିଲେ। ସ୍ଥାନୀୟ ଲୋକମାନେ ପ୍ରଥମେ ପିକ୍‌ଅପ୍ ଗାଡ଼ିର ଡ୍ରାଇଭରଙ୍କୁ ଗାଡ଼ି ଭିତରୁ ବହୁ କଷ୍ଟରେ ବାହାର କରିଥିଲେ। ହେଲେ ପିକଅପ୍ ଡ୍ରାଇଭର ଜଣକ ଗାଡ଼ିରୁ ବାହାରିବା ପରେ କ୍ଷତାକ୍ତ ଅବସ୍ଥାରେ ସେଠାରୁ ଚମ୍ପଟ ମାରିଥିଲା। ପରେ ସ୍ଥାନୀୟ ଲୋକମାନେ ଅଗ୍ନିଶମ ଗାଡ଼ି ଓ ସଦର ଥାନାକୁ ଫୋନ୍ କରିଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ପିକ୍‌ଅପ୍‌ଟିକୁ ଅନ୍ୟ ଗାଡ଼ି ସହାୟତାରେ ଘୁଞ୍ଚାଇ ୪୦୭ ଗାଡ଼ିର ଆଗପଟକୁ ତାଡ଼ି ଡ୍ରାଇଭରଙ୍କୁ ଗାଡ଼ି ମଧ୍ୟରୁ ଉଦ୍ଧାର କରିଥିଲେ। ପରେ ଏକ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକ ଜଣକ ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ରନ ମଲିକ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ୪୦୭ ମିନିଟ୍ରକଟି ନିଶ୍ଚିନ୍ତକୋଇଲିରୁ ପଟ୍ଟାମୁଣ୍ଡାଇକୁ ଦାନା ବୋଝେଇ କରି ଯାଉଥିବା ବେଳେ ପିକ୍‌ଅପ୍‌ଟି ଚାନ୍ଦବାଲିରୁ ଗୁଣ୍ଡକୋଇଲା ଭର୍ତ୍ତି କରି କଟକ ଯାଉଥିବା ଜଣାଯାଇଛି। କେନ୍ଦ୍ରାପଡ଼ା ସଦରଥାନା ଅଧିକାରୀ ସରୋଜ ସାହୁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି



**ଆହତ ପିକ୍‌ଅପ୍ ଡ୍ରାଇଭର ଫେରାର**

ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି କ୍ରେନ୍ ସାହାଯ୍ୟରେ ଚାନ୍ଦୋଳ ଫାଣ୍ଡିକୁ ନେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ସଦର ଥାନାରେ ଏକ ମାମଲା ରୁଜୁ କରାଯାଇ ମୃତକଙ୍କ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ରାସ୍ତାରେ ଗଦା ହୋଇଥିବା କୋଇଲା ବସ୍ତାକୁ ରାସ୍ତାରୁ ସଫା କରାଇ ରାସ୍ତାର ଉଭୟ ପଟରେ ଅଟକି ରହିଥିବା ଗାଡ଼ି ଗୁଡ଼ିକୁ ପୁଲିସ୍ ଚଳାଚଳ କରାଇଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

● ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ, ୩୧।୧(ସମିସ): ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଚୌଦ୍ୱାର ଥାନା ଅଞ୍ଚଳର ସାଗର ସୋରେନ ଓରଫ ବାଙ୍କା (୨୪)କୁ ପୋକ୍‌ସୋ ଆଇନର ଧାରା ୬ରେ ୨୦ ବର୍ଷ ସଶ୍ରମ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି କଟକ ଆଡ୍-ହକ୍ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର ଅଦାଲତ। ବିଚାରପତି ପ୍ରଶାନ୍ତ କୁମାର ଦାସ ଏହି ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଜରିମାନା ଅନାଦାୟ ଅଧିକ ଏକ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ ପୀଡ଼ିତା ନାବାଳିକାଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ୨୦୨୧ ସେପ୍ଟେମ୍ବର ୩ରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ଜଣକ କେନ୍ଦ୍ରାପଡ଼ା ନେଇଯାଇଥିଲା। ସେଠାରେ ପୀଡ଼ିତାଙ୍କୁ ଏକ ଭଡ଼ା ଘରେ ରଖି ଅଭିଯୁକ୍ତ ସାଗର ଦୁଷ୍କର୍ମ କରିଥିଲା। ସାଗର ବିବାହିତ ହୋଇଥିଲେ ମଧ୍ୟ ଏହା ପୀଡ଼ିତାଙ୍କୁ ଲୁଚାଇଥିଲା। ପୀଡ଼ିତାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ନପାଇବାରୁ ୨୦୨୧ସେପ୍ଟେମ୍ବର ୬ରେ ପୀଡ଼ିତାଙ୍କ ପିତା ଚୌଦ୍ୱାର ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ଏକ ସପ୍ତାହ ଭିତରେ କେନ୍ଦ୍ରାପଡ଼ା ଅଞ୍ଚଳରୁ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ଏଥିସହିତ ସାଗରକୁ ଗିରଫ କରିଥିଲା। ସବ୍-ଇନ୍ସପେକ୍ଟର ତପସ୍ୱିନୀ କାନୁନ୍‌ଗୋ ମାମଲାର ତଦନ୍ତ କରି ପୋକ୍‌ସୋ ଆଇନରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ସରକାରଙ୍କ ତରଫରୁ ସ୍ପେଶାଲ ପବ୍ଲିକ୍ ପ୍ରସିକ୍ୟୁଟର ବିଶ୍ୱଜିତ ରାୟ ମାମଲା ପରିଚାଳନା କରୁଥିଲେ।

# ଗୋପାଳପୁରରେ ସଂଘବଦ୍ଧ ଆକ୍ରମଣ; ୩ ଆହତ

ରାଜକନିକା/ଓଳାଭର, ୩୧।୧(ସମିସ): ରାଜକନିକା ଥାନା ଅଧିନସ୍ଥ ନହୁଣୀ ପଞ୍ଚାୟତ ଗୋପାଳପୁର ଗ୍ରାମରେ ଗତକାଲି ସଂଘବଦ୍ଧ ଆକ୍ରମଣରେ ୩ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଏ ସମ୍ପର୍କରେ ରାଜକନିକା ଥାନାରେ ଅଭିଯୋଗ ହୋଇଛି। ତେବେ ପୁଲିସ ଏତଲା ଆଧାରରେ ତଦନ୍ତ କରୁଥିବାର ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ସଂଘର୍ଷ ଘଟିଥିବାର ଅନୁମାନ କରାଯାଉଛି। ଏତଲାକାରୀ ଉଦୟକର ରାଉତ ଦର୍ଶାଇଛନ୍ତି ଯେ ଗତକାଲି ଅପରାହ୍ନ ସମୟରେ ଗୋଟିଏ ବାଇକ୍ ଯୋଗେ ସେ ଆଉ ତାଙ୍କ ଗ୍ରାମର ଅଞ୍ଜନ ରାଉତ, ଯୋଗେଶ ରାଉତ ଓଳାଭରରୁ ଗାଁ କୁ ଫେରୁଥିବା ସମୟରେ ପୂର୍ବ ପ୍ରସ୍ତୁତି ଅନୁସାରେ ଗୋପାଳପୁର ଗାଁ ତାରିଣୀ ମଣ୍ଡପ ପାଖରେ ତାଙ୍କ ଗ୍ରାମର ୧୭ ଜଣ ଲୋକ ବାଡି ଆଉ ଶାବଳ ଧରି ଆଗେଇ ଆସି ପ୍ରଥମେ ଅଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ଏଥିରେ ଯୋଗେଶ ଆଉ ଅଞ୍ଜନକୁ ବାଡେଇବା ଫଳରେ





ସେ ଦୁହେଁ ଲହୁଲୁହାଣ ହୋଇ ଚିତ୍କାର କରିବାକୁ ଲାଗିଲେ। ଏହା ଦେଖି ସେ ବାଧା ଦେବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଫଳରେ ସେ ଦୁହିଁଙ୍କର ମୁଣ୍ଡରେ ଶକ୍ତ ଆଘାତ ଯୋଗୁଁ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଏହାପରେ ଆସାମୀମାନେ ଜୀବନରୁ ମାରିଦେବାକୁ ଉଦ୍ୟମ କରୁଥିବା ସମୟରେ ହୋହଲ୍ଲା ଶୁଣି ଛାଡ଼ି ଚାଲିଗଲେ। ତେବେ ଚିକିତ୍ସା ନିମନ୍ତେ ପ୍ରଥମେ ରାଜକନିକା ମେଡିକାଲ ଓ ପରେ ଅଞ୍ଜନଙ୍କୁ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏ ସମ୍ପର୍କରେ ରାଜକନିକା ଥାନାରେ ୧୭ ଜଣଙ୍କ ନାମରେ ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଥିବା ସହ ମାମଲା ପଞ୍ଜିକୃତ ହୋଇ ଥିବାର ଜଣାପଡ଼ିଛି। ତେବେ ଏହି ଘଟଣାରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଓ ପଥର ମାଡ଼ ହୋଇଥିବା ଓ ଗାଁରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ଘଟଣା ସ୍ଥଳରେ ରାଜକନିକା ଥାନା ଅଧିକାରୀଙ୍କ ପକ୍ଷରୁ ପୁଲିସ ମୁତୟନ ସହିତ ଘଟଣାଟି ଉପରେ ତୀକ୍ଷ୍ଣ ନଜର ମଧ୍ୟ ରଖାଯାଇଛି।

# ଜୁଆଣିଆରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

ଗୋବିନ୍ଦପୁର, ୩୧।୧(ସମିସ): ଆଳି ବ୍ଲକ ଅନ୍ତର୍ଗତ ଜୁଆଣିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବତନ ସରପଞ୍ଚ ଅଦ୍ୱୈତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଡ଼ିଓ ମିନତୀ ଜଗଦେବ, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ଦେସାହି ସମିତି ସଭାପତି ପୁରୁଷୋତ୍ତମ ପଲାଇ, ଶ୍ରୀନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି ସରକାରର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, ମହିଳାମାନଙ୍କ ପାଇଁ ବିଭିନ୍ନ ଯୋଜନା, ଯୁବକମାନଙ୍କ ପାଇଁ ଯୋଜନାର ସୁଫଳ ପାଉଥିବା



ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପିଠା କାର୍ଯ୍ୟକ୍ରମ ଓ ସରକାରଙ୍କ ବିଭିନ୍ନ ଉନ୍ନୟନ କାର୍ଯ୍ୟର ବୁକଲେଟ ବଣ୍ଟନ କରଯାଇଥିଲା।

# ଜଗନ୍ନାଥ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ

ରାଜନଗର, ୩୧।୧(ସମିସ): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ସଡ଼କ ସୁରକ୍ଷା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅତୁଲ ବଳଙ୍କ ପୌରୋହିତ୍ୟ ରେ ଅନୁଷ୍ଠିତ କାର୍ଯକ୍ରମରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଡ଼କ ସୁରକ୍ଷା ଜୀବନ ରକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେଇଥିଲା। ଏଥିରେ+୩ ନୋଡାଲ ଅଫିସର ଅଧ୍ୟାପକ ପ୍ରଣୟ କୁମାର ବେହେରା, +୨ନୋଡାଲ ଅଫିସର ଅଧ୍ୟାପିକା ରାଜଶ୍ରୀ ସାମନ୍ତ, ପ୍ରତାପ ସ୍ୱାଇଁ, ବିଚିତ୍ରାନନ୍ଦ ପାଣି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯକ୍ରମକୁ +୨ସାମାଜିକ କାର୍ଯ୍ୟକ୍ରମର ମୁଖ୍ୟ ଅଧ୍ୟାପିକା ଅନୁସୂୟା ବେହେରା ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।

# ଜଙ୍ଗଲ ନିଆଁ ରୋକିବାକୁ ପ୍ରଶିକ୍ଷଣ ଓ ସଚେତନତା ଶିବିର



ରାଜନଗର, ୩୧।୧(ସମିସ): ରାଜନଗର ବ୍ଲକ ଗୁପ୍ତି ବନବିଭାଗ ସେକ୍ସନ ଅଫିସ କାର୍ଯ୍ୟଳୟ ପରିସରରେ ଜଙ୍ଗଲ ନିଆଁ ସମ୍ବନ୍ଧରେ ଏକ ପ୍ରଶିକ୍ଷଣ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଡିଏଫଓ ଗୋପୀନାଥ ସୁଦର୍ଶନ ଯାଦବଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଏସିଏଫ ମାନସ ଦାସ, ପୁନମ୍ ହୀରା ହାଁସଦା, ଗଗନ ମଲ୍ଲିକ, ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ପ୍ରଦୋଷ ମହାରଣା ପ୍ରମୁଖ ଯୋଗଦେଇ ଜଙ୍ଗଲରେ ଲାଗୁଥିବା ନିଆଁକୁ କିପରି ଆୟତ କରି ଜଙ୍ଗଲକୁ ସୁରକ୍ଷା ଯୋଗାଇ ଦିଆଯିବ ସେ ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। ଏହି କାର୍ଯକ୍ରମରେ ବନପାଳ, ବନରକ୍ଷୀ, ଇଡିସି ସଦସ୍ୟ, ମିଶନ ଶକ୍ତି ସଦସ୍ୟା, ସ୍ଥାନୀୟ ଜନସାଧାରଣ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯକ୍ରମକୁ ଫରେଷ୍ଟର ବିଭୂତି ତରାଇ, ତ୍ରିଦୀପ ପ୍ରଧାନ, ସଜେନ୍ଦ୍ର ଦାସଙ୍କ ସମେତ ଗୁପ୍ତୀ ସେକ୍ସନର ବନକର୍ମଚାରୀ ପରିଚାଳନା କରିଥଲେ।

# ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

କେନ୍ଦ୍ରାପଡ଼ା, ୩୧।୧(ସମିସ): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ସାନମାଣଡିଆ ପଞ୍ଚାୟତର ବଜ୍ରମହାକାଳୀ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ବ୍ୟାପୀ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଦେଇ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଉକ୍ତ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତଥା ଶିକ୍ଷକ ନେତା ପ୍ରଣବ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର କ୍ରୀଡାର ଉପଯୋଗିତା ସହ ଶୃଙ୍ଖଳା, ବନ୍ଧୁତ୍ୱ କ୍ରୀଡା ଦ୍ୱାରା ଛାତ୍ରଛାତ୍ରୀମାନେ ଶିଖିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମଲିକ ସ୍ୱାଗତ ଭାଷଣ ଓ



ଉତ୍ସବରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ କୁମୁଦିନୀ ଦେଇ ଯୋଗ ଦେଇ ଉତ୍ସବ ଉଦଘାଟନ କରିବା ସହ ଶୃଙ୍ଖଳା ଓ ବନ୍ଧୁତ୍ୱର ଭାବନା ବିତରଣ ଉତ୍ସବରେ ଅନ୍ୟତମ ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରିଣୀ ଅଞ୍ଜନା ସ୍ୱାଇଁ ମୁଖ୍ୟ ଅତିଥି ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ବିଶ୍ୱାଳ ମୁଖ୍ୟବକ୍ତା, ପଞ୍ଚାୟତର ସରପଞ୍ଚ ଯୁବନେତା ବିଭୁତିଭୂଷଣ ମଲିକ ବିଶିଷ୍ଟ ଅତିଥି ରୁପେ ଯୋଗ ଦେଇ ପିଲାମାନଙ୍କୁ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ କ୍ରୀଡା ଶିକ୍ଷକ ରମାକାନ୍ତ ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଦ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର ଟ୍ରଫି ପ୍ରଦାନକରି ପୁରସ୍କୃତ କରିଥିଲେ।

# ଗୋବିନ୍ଦ ଗୋସ୍ୱାମୀଙ୍କ ପୀଠରେ ମହୋତ୍ସବ

ମହୁ, ୩୧।୧(ସମିସ): ମହୁ ପଞ୍ଚାୟତସ୍ଥିତ ଗୋବିନ୍ଦ ଗୋସ୍ୱାମୀଙ୍କ ମଠରେ ମଙ୍ଗଳବାର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାତ୍ର ୩ଟାରୁ ପହଡ଼ ଖୋଲିବା ପରେ ବାବା ଗୋବିନ୍ଦ ଗୋସ୍ୱାମୀ ଓ ଆରାଧ୍ୟ ରାଧାକୃଷ୍ଣଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥଲା। ପୂଜକ ଠାକୁରଙ୍କୁ ନୂତନ ବସ୍ତ୍ର ପରିଧାନ କରାଇବା ପରେ ଭୋଗ ଲାଗି ସହ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଏନେଇ ମଠ ପରିସରରେ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ହୋଇଥିଲା। ଆଖପାଖ ଅଞ୍ଚଳରୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ଭଜନ ସମାରୋହ ସହ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ



ମାର୍ଶାଘାଇ, ୩୧।୧(ସମିସ): ମାର୍ଶାଘାଇ ବ୍ଲକ ଆୟତିପୁର ଗାନ୍ଧିଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାପୀଠରେ ନୂଆ-ଓଡିଆ ସାହିତ୍ୟ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରତାପ କୁମାର ଦାସଙ୍କ ସଭାପତିତ୍ୱରେ ଅଧ୍ୟାପକ ଅଶୋକ କୁମାର ନାୟକ, ଅଧ୍ୟାପକ ଅଶୋକ କୁମାର ବରାଳ, ସୁରେନ୍ଦ୍ରନାଥ ଶତପଥୀ, ଗୌତମ ମଲ୍ଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଇଂରାଜୀ ବିଭାଗ ଅଧ୍ୟାପକ ଚିନ୍ମୟ କୁମାର ଜେନା ଅତିଥି ପରିଚୟ ଏବଂ ନୂତନ ଓଡ଼ିଶା ସାହିତ୍ୟ ପ୍ରତିଯୋଗିତା ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅର୍ଥ ରାଶି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା।

**ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି**

# ୱାକଓଭର ପାଇ ପାରାଦୀପ କ୍ରିକେଟ କ୍ଲବ୍ ଚାମ୍ପିଅନ୍



ରାଜନଗର, ୩୧।୧(ସମିସ): ରାଜନଗର ବ୍ଲକ ବଡପଲ୍ଲୀ ଚଞ୍ଚଳା ମିନି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ୪୨ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ମେଗା ଫାଇନାଲ ମ୍ୟାଚ ବିବାଦ ମଧ୍ୟରେ ଶେଷ ହୋଇଛି। ବିବାଦୀୟ ନିଷ୍ପତିକୁ ନେଇ ଖେଳାଳି ଆମ୍ପାୟାରକୁ ମାଡ଼ ମାରିବା ଓ ଗଣ୍ଡଗୋଳ ଯୋଗୁ ଖେଳ ବିଳମ୍ବ କାରଣରୁ ବ୍ୟାଡ଼ ଲାଇଟ ପରିସ୍ଥିତି ହୋଇଥିଲା। ବ୍ୟାଡ଼ ଲାଇଟରେ ବଲ ଦେଖାନଯିବାରୁ ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ଗୋଟିଏ ଓଭର ଖେଳିନଥିଲା। ୱାକ ଓଭରରେ ପାରାଦ୍ୱୀପ କ୍ରିକେଟ କ୍ଲବକୁ ଚାମ୍ପିୟାନ ଘୋଷଣା କରାଯାଇଥିଲା। ଆଜି ପାରାଦ୍ୱୀପ କ୍ରିକେଟ କ୍ଲବ ଓ ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ମଧ୍ୟରେ ଫାଇନାଲ ମ୍ୟାଚ ଥିବାରୁ ଓ ଫାଇନାଲ ଅତିଥି ଭାବେ ଅଭିନେତ୍ରୀ ପ୍ରିୟା ଚୌଧୁରୀ ଆସିଥିବାରୁ ଦର୍ଶକଙ୍କ ଭିଡ଼ ହୋଇଥିଲା। ଫାଇନାଲ ମ୍ୟାଚରେ ପାରାଦୀପ ଟସେ ଜିତି ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୮ ଉଇକେଟ ବିନିମୟରେ ୨୪୦ କରିଥିଲେ। ଜବାବରେ ୨୪୧ ରନର ବିଜୟ ଲକ୍ଷ ନେଇ ପଡ଼ିଆକୁ ଓଲାହିଥିବା ଜି ସି ସି କେନ୍ଦ୍ରାପଡ଼ା ବ୍ୟାଡ ଲାଇଟ ଯୋଗୁ ଗୋଟିଏ ଓଭର ପୂର୍ବରୁ ଖେଳ ବନ୍ଦ ହୋଇଯାଇଥିଲା। କ୍ରିକେଟର ନିୟମ ଅନୁସାରେ ପାରାଦୀପକୁ ଚମ୍ପିଅନ ଘୋଷଣା କରାଯାଇଥିଲା। କେନ୍ଦ୍ରାପଡ଼ାର ଅଭିଜିତ ଦାସ ୩୭ ବଲରୁ ୫୨ ରନ ଓ ଅଖିଳ ସୂତାର ୩୨ ବଲରୁ ୪୧ ରନ ସଂଗ୍ରହ କରିଥିଲେ। ପାରାଦୀପ ବୋଲର ଚିନ୍ମୟ ବିଶ୍ୱାଳ ୫ ଓଭରରେ ୨୭ ରନ ଦେଇ ୨ ଉଇକେଟ ନେଇଥିଲେ।

**ଘରେ କଳାକନା ବୁଲାଇଲେ ଲୁଟେରା**

# ୫ଲକ୍ଷର ଗହଣା ଓ ୫୦ହଜାର ଟଙ୍କା ଲୁଟ୍

ଆଳି, ୩୧।୧(ସମିସ): ଝିଅ ବାହାଘର ପାଇଁ ପରିବାର ଲୋକ ସୁନା ଗହଣା କରି ରଖିଥିଲେ। ଘରେ କେହି ନଥିବାର ସୁଯୋଗ ନେଇ କଳାକନା ବୁଲାଇଛି ଲୁଟେରା। ସୁନା ଗହଣା ସହିତ ନଗଦ ଟଙ୍କା ଓ ଶାଢୀ ଲୁଟି ନେଇଥିବା ଘର ମାଲିକ ତିଳୋତ୍ତମା ବେହେରା ଆଳି ଥାନାରେ ଅଭିଯୋଗ କରିଛନ୍ତି।

ଗତ ମଙ୍ଗଳବାର ତିଳୋତ୍ତମା ଭାଇଙ୍କର ଡାକବଙ୍ଗଳାଠାରେ ଥିବା ଘରେ ପୂଜା ହେଉଥିଲା। ସେ ରାତି

■ ଝିଅ ବାହାଘର ପାଇଁ ରଖିଥିଲେ
■ ଅଞ୍ଚଳରେ ବଢୁଛି ଚୋରି ଡକାୟତି; ଟେର୍ ପାଉନି ପୁଲିସ

୧୦ଟା ସମୟରେ ଲୋକାପଡ଼ାସ୍ଥିତ ତାଙ୍କ ଘରେ ତାଲା ପକାଇ ଭାଇଙ୍କ ଘରକୁ ଯାଇଥିଲେ। ବିଳମ୍ବିତ ରାତି ହୋଇଯିବାରୁ ସେ ଘରକୁ ଫେରିନଥିଲେ। ଭୋର ପ୍ରାୟ ୪ଟାରେ ଫେରି ଘରେ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଛାତ କବାଟ ଖୋଲା ଥିବାବେଳେ ଭିତର ପଟ ଗ୍ରିଲ୍ ଖୋଲାଥିଲା। ଏହାପରେ ସେ ବେଡ୍‌ରୁମକୁ ଯିବାପରେ ଗଡ୍‌ରେଜ୍ ଲକର ତଡ଼ା ହୋଇ ସେଥିରେ ଝିଅ ବାହାଘର ପାଇଁ ରଖିଥିବା ପ୍ରାୟ ୫ ଲକ୍ଷ ଟଙ୍କାର ସୁନା ଗହଣା ସହିତ ନଗଦ ୫୦ ହଜାର ଟଙ୍କା ଓ ୧୦ ଟି ଦାମୀ ଶାଢୀ ଲୁଟ ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ତିଳୋତ୍ତମା ଆଳି ଥାନାରେ ଅଭିଯୋଗ କରିଥିଲେ।



ପୁଲିସ ସାଇଣ୍ଟିଫିକ ଟିମ ସହ ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଲୁଟେରାଙ୍କ ଟେର୍ ପାଇନାହିଁ।

ସୂଚନାଯୋଗ୍ୟ ଯେ, ଆଳି ପୁଲିସ ଆଖିରେ ଧୂଳିଦେଇ ଅଞ୍ଚଳରେ ଗୋଟିଏ ପରେ ଗୋଟିଏ ଚୋରି, ଡକାୟତି ଘଟି ଚାଲିଛି। ସପ୍ତାହ ପୂର୍ବେ ଥାନା ଛକରୁ ଜଣେ ମହିଳାଙ୍କ ନିକଟରୁ ୫୦ହଜାର ଟଙ୍କା ଝମ୍ପି ନେଇଥିଲେ ଦୁର୍ବୃତ୍ତ। ଗତ ରାତିରେ ଥାନାଠାରୁ କିଛି ଦୂରରୁ ଏପରି ଲୁଟ୍ ଘଟଣା ଆଳି ପୁଲିସର ପାରିବା ପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

## କେନ୍ଦ୍ର ସରକାରଙ୍କ ଅବହେଳା

# ସର୍ବବୃହତ୍ ବିହନ ଫାର୍ମ ଆଜି ଜରାଜୀର୍ଣ୍ଣ

### ପୁନଃକାର୍ଯ୍ୟକ୍ଷମ ପାଇଁ କୃଷି ସଚିବଙ୍କୁ ନିବେଦନ

**ଯାଜପୁର, ୩୧।୧(ସମିସ):**

ସୁକିନ୍ଦାରେ ଥିବା ଏସିଆ ମହାଦେଶର ସର୍ବବୃହତ ବିହନ ଉତ୍ପାଦନ ଫାର୍ମ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁଁ ଶତାଧିକ ଶ୍ରମିକ ଦୀର୍ଘଦିନ ଧରି ହାତବାନ୍ଧି ଘରେ ବସିଛନ୍ତି। ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାରଙ୍କ କୃଷି ବିଭାଗ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ସିଭିଲ ସୋସାଇଟି ଫୋରମ୍ ସମ୍ପାଦକ ବିଶ୍ୱନାଥ ପାତ୍ର। କୃଷି ବିଭାଗ ପକ୍ଷରୁ ଏ ନେଇ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦିଆଯାଇଛି।

ସୂଚନା ମୁତାବକ, ସୁକିନ୍ଦା ବ୍ଲକ ଦାମୋଦରପୁରଠାରେ ୧୯୪୮ରେ ବିହନ ଉତ୍ପାଦନ କ୍ଷେତ୍ର (ସୁକିନ୍ଦା ବିହନ ଫାର୍ମ) ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଷ୍ଠା ହୋଇଥିଲା। ଉକ୍ତ ଫାର୍ମରେ ଧାନଠାରୁ ମୁଗ, ବିରି, ବାଜରା, କୋଳଥ, ଚିନାବାଦାମ, କଖାରୁ, ବୋଇତାଳୁ, ନଳିତା, ଧଣ୍ଡିଚା, ମକା, ସୋରିଷ ଆଦି ବିଭିନ୍ନ ପ୍ରକାରର ଫସଲ ଚାଷ କରାଯାଇ ବିହନ ଉତ୍ପାଦନ ହଳ ବଳଦ ମାଧ୍ୟମରେ କରାଯାଉଥିଲା। ଏଠାରୁ ବିହନ ସଂଗ୍ରହ କରାଯାଇ ଚାଷୀଙ୍କୁ ବିକ୍ରି କରାଯାଉଥିଲା। ଏଥିପାଇଁ ମଧ୍ୟ ସ୍ଥାନୀୟ ଅଞ୍ଚଳର ମୂଳଖମ୍ବ, ଦାମୋଦରପୁର, କୁହିକା, ପିମ୍ପୁଡିଆ, ବନ୍ଧଗାଁ, ମାଣତିରା, ନୋଟିସାହି, ଗୋଡିସାହି, ଆମ୍ବପାଳ, ଅର୍ଜୁନଝର, ନୂଆଡ଼ିହ, ଗନ୍ଧାପାଳ, ମଙ୍ଗଳପୁର, କଞ୍ଚିଛୁଆ, ପୁବଳ ଓ ସ୍ଥାନୀୟ ଅଞ୍ଚଳର କୋଡିଏରୁ ଉର୍ଦ୍ଧ୍ୱ ଗ୍ରାମର ମହିଳା ଶ୍ରମିକଙ୍କୁ ନେଇ ତଳି ରୁଆ ପୋତା, ଫସଲ ବାଛିବା, ଅମଳ କରିବା ପର୍ଯ୍ୟନ୍ତ ନିୟୋଜିତ କରାଯାଉଥିଲା। ଶ୍ରମିକମାନେ ଫାର୍ମରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ।

ସେହିଭଳି ହଳ ବୁଲେଇବା, ସାର ଔଷଧ ପକାଇବା ଓ ଅନ୍ୟାନ୍ୟ କାମ ନିମନ୍ତେ ପୁରୁଷ ଶ୍ରମିକଙ୍କୁ ନିୟୋଜିତ କରାଯାଉଥିଲା। ଏଠାରେ ସ୍ଥାୟୀ




ଶ୍ରମିକଙ୍କଠାରୁ ଫାର୍ମ ସୁପ୍ରିଟେଣ୍ଡେଣ୍ଟ ପର୍ଯ୍ୟନ୍ତ ସରକାର ବହୁ ପଦାଧିକାରୀଙ୍କୁ ନିୟୋଜିତ କରି ବିହନ ଉତ୍ପାଦନ କରିଆସୁଥିଲେ। ଉକ୍ତ ଫାର୍ମ ମଧ୍ୟ ବିହନ ଉତ୍ପାଦନରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲା। ରାଜ୍ୟ ସରକାର ୨୦୧୬ ଜୁଲାଇ ମାସରେ ଏହି ଫାର୍ମର ଚାଷ ଜମିକୁ ନ୍ୟାସନାଲ ସିଡ଼ସ କର୍ପୋରେସନ (ଏନଏସସି)କୁ ଚୁକ୍ତି କରି ହସ୍ତାନ୍ତର କରିଥିଲେ। ଆଶା ଥିଲା ଏହା ହସ୍ତାନ୍ତର ହେଲେ ଏହାର ସୁବିଧା ସ୍ଥାନୀୟ ଲୋକେ ପାଇବେ। ଅଧିକ କୃଷିଜାତ ସାମଗ୍ରୀ ଉତ୍ପାଦିତ ହେବ। କିନ୍ତୁ ଉକ୍ତ ସଂସ୍ଥା ଶ୍ରମିକଙ୍କୁ ଅଣଦେଖା କରି କିଛି ଦିନ ଧାନ, ହରଡ଼ କରି ଥିଲା। କିନ୍ତୁ ସ୍ଥାନୀୟ ଶ୍ରମିକ କାମଧନ୍ଦା ନ ପାଇ ଶାନ୍ତିପୂର୍ଣ୍ଣ ଭାବେ କାମ ପାଇଁ ଦାବି କରିବାରୁ ଉକ୍ତ ସଂସ୍ଥା ଆବଶ୍ୟକ ପରିମାଣରେ ଚାଷ କରି ନ ପାରିବାରୁ ଶ୍ରମିକମାନେ କାମ ପାଇବାରୁ ବଂଚିତ ହୋଇଥିଲେ। ଏଭଳି ସ୍ଥଳେ ଏନଏସସି ନିଜେ କାର୍ଯ୍ୟ ନ କରି ଝାଡ଼ଖଣ୍ଡର ଗୋବିନ୍ଦ ଇଞ୍ଜିନିୟରିଂ ନାମକ ଠିକା ସଂସ୍ଥାକୁ କିଛି ଦିନ କାର୍ଯ୍ୟ କରିବାକୁ ଦାୟିତ୍ୱ ଦେଇ ପରେ ଚାଷ କାମ ସମ୍ପୂର୍ଣ୍ଣ ବନ୍ଦ କରି ଦେବାରୁ ବିହନ ଫାର୍ମ ଆଜି ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ଉକ୍ତ ଫାର୍ମକୁ ହସ୍ତାନ୍ତର ପାଇଁ ଚୁକ୍ତି କରିବା ଦ୍ୱାରା ଏହି ଫାର୍ମ ଉପରେ ନିର୍ଭର କରିଆସୁଥିବା ଶତାଧିକ ମହିଳା ଶ୍ରମିକଙ୍କ ଜୀବନ ଜୀବିକା ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି।

ଅନ୍ୟପକ୍ଷରେ ଏକଦା ସାରା ରାଜ୍ୟକୁ ବିହନ ଯୋଗାଉଥିବା ଉକ୍ତ ଫାର୍ମ ଆଜି ଚାଷ ବିହିନ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଏ ସମ୍ପର୍କରେ ଶ୍ରମିକମାନେ ଦାବି ପରେ ଦାବି କରିବା ପରେ ମଧ୍ୟ କୌଣସି ପ୍ରତିକାର ବାହାର କରାଯାଇ ନ ଥିବାବେଳେ ସୋମବାର ଦିନ ରାଜ୍ୟ କୃଷି ବିଭାଗ ସଚିବ ଅରବିନ୍ଦ ପାଢ଼ୀଙ୍କ ହସ୍ତକ୍ଷେପ ଲୋଡି ଅବିଳମ୍ବେ ସୁକିନ୍ଦା ବିହନ ଫାର୍ମକୁ ପୂର୍ବଭଳି କାର୍ଯ୍ୟକ୍ଷମ କରାଯିବାକୁ ଦାବି କରାଯାଇଛି।

## ପହଙ୍ଗା ୟୁଜିଏମ୍ଇ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ଶଙ୍ଖଚିଲା, ୩୧।୧(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ପହଙ୍ଗା ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ମା’ ହିଙ୍ଗୁଳାଙ୍କ ନିକଟରେ ପୂଜାର୍ଚ୍ଚନା ପରେ ମଶାଲ ଶୋଭାଯାତ୍ରାରେ ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ପଡିଆରେ ପ୍ରବେଶ କରିଥିଲେ। ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ଘଡ଼ାଇ କ୍ରୀଡା ପତାକା ଉତ୍ତୋଳନ କରି କ୍ରୀଡ଼ାକୁ ଉଦଘାଟନ କରିଥିଲେ। ପିଲାମାନେ ଶପଥ ନେବା ପରେ ପ୍ରଥମେ ଦୌଡ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ସଭାପତି ସୁମିତ୍ରା ମଲ୍ଲିକଙ୍କ ଉପସ୍ଥିତିରେ ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ପାତ୍ର ଖେଳ ସମ୍ବନ୍ଧୀୟ ସମସ୍ତ ସୂଚନା ପ୍ରଦାନ କରିଥିଲେ। ଶିକ୍ଷକ ମଦନ ମୋହନ ବେହେରା ଖେଳ ପରିଚାଳନାରେ ସହଯୋଗ କରିଥିଲେ। ସିଆରସିସି ବିଜୟ ବେହେରା କ୍ରୀଡା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଶିକ୍ଷକ ଅଶୋକ କୁମାର ସାହୁ, ରମେଶ ସାହୁ, ଶକୁନ୍ତଳା ପୃଷ୍ଟି, ସୁଲୋଚନା ଦଳନାୟକ ସହଯୋଗ କରିଥିଲେ।

## ବରିଷ୍ଠ ସମାଜସେବୀଙ୍କ ପରଲୋକ

**ଦଶରଥପୁର,୩୧।୧(ସମିସ):** ଦଶରଥପୁର ବ୍ଲକ ଖଣ୍ଡରା ଗ୍ରାମର ବରିଷ୍ଠ ସମାଜସେବୀ ବିବେକାନନ୍ଦ ବିହାରାଙ୍କ ୮୨ ବର୍ଷ ବୟସରେ ପରଲୋକ ହୋଇଛି। ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ରହି ତାଙ୍କ କଟକସ୍ଥ ବାସଭବନରେ ଚିକିତ୍ସାଧୀନ ଥିଲେ। ସୋମବାର ବିଳମ୍ବିତ ରାତିରେ ତାଙ୍କର ପରଲୋକ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପରିବାରବର୍ଗ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ସ୍ୱର୍ଗତ ବିହାରା ନିଜ ବାଲ୍ୟକାଳ ପଡୋଶୀ ବର୍ମା ଦେଶର ରେଙ୍ଗୁନରେ ଅତିବାହିତ କରିଥିବାବେଳେ ଯୁବାବସ୍ଥାରେ ଗାଁକୁ ଫେରି ବହୁ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ପ୍ରତ୍ୟକ୍ଷ ସହଭାଗିତାରେ ଖଣ୍ଡରା ଗ୍ରାମରେ ଲକ୍ଷ୍ମୀପୂଜା ଆରମ୍ଭ ହୋଇଥିଲା। ଜଣେ ସାଇ ଭକ୍ତ, ମେଳାପି, ସ୍ପଷ୍ଟବାଦୀ, ପରୋପକାରୀ ବ୍ୟକ୍ତି ଭାବେ ପରିଚିତ ଥିବା ଶ୍ରୀ ବିହାରାଙ୍କ ପରଲୋକରେ ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ଯୁବ ସମାଜସେବୀ ସୁନୀଲ କୁମାର ସାହୁ, ଦିଲ୍ଲୀପ ବିହାରା, ରବିନାରାୟଣ ଧଳ, ଶିକ୍ଷାବିତ ଦେବଦିବାକର ବିହାରା, ରୁଦ୍ରନାରାୟଣ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତି କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ଶେଷ କୃତ୍ୟ ସମ୍ପନ୍ନ କରାଯାଇଥିଲା।

## ହିଙ୍ଗୁଳା ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଶଙ୍ଖଚିଲା, ୩୧।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲା ହିଙ୍ଗୁଳା ହାଇସ୍କୁଲର ୧୯୯୧ ବ୍ୟାଚ୍‌ର ହିଙ୍ଗୁଳା ମନ୍ଦିର ପରିସରରେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ଅଜୟ କୁମାର ସାହୁଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଲୋକ କୁମାର ମଲ୍ଲିକ, ହିମାଂଶୁ ଶେଖର ସାହୁ, ବିମଳେନ୍ଦୁ ସାହୁ, ପ୍ରଦୀପ କୁମାର ସାହୁ, ଭୀମସେନ ସାହୁ, କୁଶଧ୍ୱଜ ସାହୁ, ମଣିଚରଣ ପୋଇ, ବିଦ୍ୟାଧର ସାହୁ, ପୀତବାସ ବେହେରା, ଆଶୁତୋଷ ମହାପାତ୍ର, ତପନ ନାୟକ, ରମାକାନ୍ତ ସାହୁ, ବିଷ୍ଣୁ ଚରଣ ସେଠୀ, ସରୋଜ କୁମାର ସାହୁ, ହରେକୃଷ୍ଣ ରଥ, ଭାଗୀରଥି ବାରିକ, ରଞ୍ଜନ ସାହୁ, ରେବତୀ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଯୋଗ ଦେଇଥିଲେ।

## ଧର୍ମଶାଳା ମହାବିଦ୍ୟାଳୟରେ ‘ନୂଆ-ଓ’ ଉଦ୍‌ଯାପିତ



**ଧର୍ମଶାଳା,୩୧।୧(ସମିସ):** ଧର୍ମଶାଳା ମହାବିଦ୍ୟାଳୟରେ ନୂଆ-ଓ ଅନ୍ତର୍ଗତ ବିଶ୍ୱ ଓଡିଆ ଭାଷା ସମ୍ମିଳନୀର ପରିପ୍ରେକ୍ଷୀରେ ଓଡିଆ ସାହିତ୍ୟ, ସଂସ୍କୃତି ଓ ଜଗନ୍ନାଥ ଚେତନା ଭିତ୍ତିକ କାର୍ଯ୍ୟକ୍ରମ ମଙ୍ଗଳବାର ପୂର୍ବାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଜୟନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଡକ୍ଟର ସୁଲୋଚନା ଦାସ ଯୋଗଦେଇ ଏ ମାଟିର ବିଭବ ଓ ସ୍ୱତନ୍ତ୍ରତା ରହିଛି। ଗାଁ ଗାଁ ରେ ଭାଗବତ ଟୁଙ୍ଗି ଆମ ଧାର୍ମିକ ଚେତନା କୁ ପରିପ୍ରକାଶ କରେ। ଲକ୍ଷ୍ମୀ ପୂରାଣ ଆମ ସାମାଜକ ଜୀବନକୁ ନିୟନ୍ତ୍ରଣ କରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ରାଜକିଶୋର ପାଢୀ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡକ୍ଟର ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଡକ୍ଟର ଅଭିନ୍ନ ଚନ୍ଦ୍ର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ସୁକିନ୍ଦା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର

**ସୁକିନ୍ଦା,୩୧।୧(ସମିସ):** ସୁକିନ୍ଦା ମହାବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଜ୍ଞାନରଞ୍ଜନ ନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଜ୍ୟୋତିର୍ମୟୀ ସାହୁଙ୍କ ଉପସ୍ଥିତିରେ ପ୍ରଶିକ୍ଷିତା ଲିପ୍ସାରାଣୀ ଶତପଥୀ ଶିବିରାର୍ଥିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଆଇନ ସଚେତନତା ଶିବିର



**ଯାଜପୁର,୩୧।୧(ସମିସ):** ମଙ୍ଗଳବାର ଜିଲ୍ଲା ଓ ଦୈରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ଡ.ଜୀବନଜ୍ୟୋତି ରଥଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା ଶିବିର ବିରଜା ଆଇନ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମ୍ପାଦିକା ଜ୍ୟୋତିର୍ମୟୀ ଦାସ ପରିଚାଳନା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୈରାଜଜ୍ ତଥା ପୋକ୍‌ସୋ କୋର୍ଟ ସ୍ପେଶାଲ ଜଜ, ଅଭିଜିତ୍ ପଲେଇ ଯୋଗଦେଇ ଆଇନ ପାଠ ପଢୁଥିବା ଛାତ୍ର/ଛାତ୍ରୀମାନଙ୍କୁ ଆଇନର ବିଭିନ୍ନ ବିଷୟରେ କହିଥିଲେ। ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧରୀ ଇ-ଫାଇଲିଂ ତଥା ଭିଡ଼ିଓ କନଫେରନସିଂ ରୁଲସ୍ ବିଷୟରେ କହିଥିଲେ। ଅନ୍ୟ ମାନଙ୍କର ମଧ୍ୟରେ ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ସମାଜସେବୀ ଡ଼ଃ. ରୁଦ୍ର ନାରାୟଣ ପୃଷ୍ଟି ଏବଂ ପ୍ରଧାପକ ଶଶାଙ୍କ ଶେଖର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍; ବ୍ଲ୍ୟୁ ଡେଭିଲ୍ସ ବିଜୟୀ

**ଛତିଆ,୩୧।୧(ସମିସ):** ବଡଚଣା ବ୍ଲକ ଅନ୍ତର୍ଗତ ଛତିଆ ଅଞ୍ଚଳର ବିଭିନ୍ନ ଗ୍ରାମର ପୁରାତନ କ୍ରୀଡାବିତ୍‌ଙ୍କୁ ନେଇ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅମରାବତୀ ମଠ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ଲୁ-ଡ଼େଭିଲ୍ସ କ୍ରିକେଟ ଟିମ୍ ଓ ଅରେଞ୍ଜ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ଟେଷ୍ଟ ଶୈଳୀ ମ୍ୟାଚରେ ବ୍ଲୁ-ଡେଭିଲ୍ସ ବିଜୟୀ ହୋଇଥଲା। ଶ୍ରେଷ୍ଠ ଖେଳାଳି ଭାବେ ଭବାନୀ ସେନାପତି, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଅଜିତ୍ ସିଂ, ଶ୍ରେଷ୍ଠ ବୋଲର୍ ଭାବେ ଭବାନୀ ଶଙ୍କର ଷେଣ୍ଠ ଓ ନରେନ୍ଦ୍ର ବିଶ୍ୱାଳଙ୍କୁ ଶ୍ରେଷ୍ଠ ଫିଲ୍ଡର ଭାବେ ପୁରସ୍କୃତ କରାଯାଇଥିଲା।

## ଅମ୍ବିକା ଦେବୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ଯାଜପୁର,୩୧।୧(ସମିସ):** ଯାଜପୁର ସହର ନିକଟସ୍ଥ ଆଙ୍କୁଲା ଗ୍ରାମର ଅମ୍ବିକା ଦେବୀ ହାଇସ୍କୁଲ୍ ଓ ପ୍ରାଣକୃଷ୍ଣ କର ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ସଭାପତି ଦିଗମ୍ବର କର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ନୋଡ଼ାଲ ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗଯାଧର ପୁହାଣ, ହାଇସ୍କୁଲର ପ୍ରଧାନ ଶିକ୍ଷକ ଅର୍ଜୁନ କୁମାର ଦାସ, ନୋଡ଼ାଲ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାଢ଼ୀ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଧନ୍ୟାଶ୍ରୀ ମିଶ୍ର ଖେଳ ପରିଚାଳନା କରିଥିବାବେଳେ ନୋଡ଼ାଲ ସ୍କୁଲର ଶିକ୍ଷୟିତ୍ରୀ ପୂର୍ଣ୍ଣିମା ରାୟ, ମଞ୍ଜୁଲତା ନନ୍ଦ, ଅସ୍ମିତା ଷଡ଼ଙ୍ଗୀ, ମୀରାରାଣୀ ଗୁରୁ ଓ ଶ୍ୟାମସୁନ୍ଦର ସାହୁ ସହଯୋଗ କରିଥିଲେ। ହାଇସ୍କୁଲର ଶିକ୍ଷକ ବିଷ୍ଣୁ ପାଣିଗ୍ରାହୀ, ପ୍ରଭାତ ରଞ୍ଜନ ନନ୍ଦ, ବିଜୟ କୁମାର ପଣ୍ଡା, କୃଷ୍ଣଚନ୍ଦ୍ର ଯେନା, ବଟକୃଷ୍ଣ ବେହେରା ଓ କର୍ମଚାରୀ ଗିରିଶ କୁମାର ମହାନ୍ତି, ଶଶୀଭୂଷଣ ନନ୍ଦ ଓ ବିଚିତ୍ରା ନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଭଙ୍ଗା କୁଡ଼ିଆରେ ଗୋପୀନାଥ; ‘ଆବାସ’ ସାତସପନ

**କୟାଁଗୋଲା,୩୧।୧(ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ, ଧରମପୁର ଗ୍ରାମ୧୫ ନମ୍ବର ୱାର୍ଡର ବାସିନ୍ଦା ଗୋପୀନାଥ ଦାସ, (୬୫)ଙ୍କ ପରିବାରକୁ ସରକାରୀ ଆବାସ ମିଳିନାହିଁ। ଗୋପୀନାଥଙ୍କୁ ବୟସ ୬୫ ଟପିଥିବା ବେଳେ ମୂଳ ମଜୁରୀ ଲାଗି ପରିବାର ପ୍ରତିପୋଷଣ କରୁଛନ୍ତି। ସରକାରୀ ଯୋଜନା କହିଲେ ଖାଦ୍ୟ ସୁରକ୍ଷା ଯୋଜନାରେ କେବଳ ରାସନ କାର୍ଡ ଖଣ୍ଡିଏ ମିଳିଛି। ରାସନ କାର୍ଡ ଓ ମୂଳ ମଜୁରିକୁ ଭରସା କରି ଗୋପୀନାଥ, ପତ୍ନୀ ପଦ୍ମାବତୀ ଦାସ (୬୦), ତିନି ପୁଅ ଉଦୟ ଦାସ (୩୨), ଅରୁଣ ଦାସ (୨୮), ଦର୍ଶନ ଦାସ (୨୫)



ପଡିରହିଛନ୍ତି। ଘର ଖଣ୍ଡିଏ ନଥିବାରୁ ଭଙ୍ଗା କୁଡ଼ିଆରେ ପିଲା ଛୁଆଙ୍କୁ ଧରି ଜୀବନ କଟାଉଛନ୍ତି। ସକାଳ ହେଲେ ପେଟ ଚିନ୍ତାରେ ଏ ଗାଁରୁ ସେ ଗାଁ ବୁଲି ମୂଳ ମଜୁରି ଲାଗୁଛନ୍ତି। ଯାହା ପାରିଶ୍ରମିକ ମିଳେ ସେଥିରେ ଅତି କଷ୍ଟରେ ପରିବାର ଚଳେ। ଅନ୍ୟପକ୍ଷରେ ଯେତିକି ଚାଉଳ ମିଳୁଛି ତାହା ଏକ ମାସ ଯାଉନାହିଁ। ଏହି ପରିବାର ଉପରେ ଆଜି ଯାଏ ପ୍ରଶାସନ ନଜର ପଡ଼ିନାହିଁ। ଭଙ୍ଗା ଘର, ଜରିଅଖା ଘେରା କାନ୍ଥ ଭିତରେ ଗୋପୀନାଥଙ୍କ ପରିବାର ଦିନ କାଟୁଛନ୍ତି ଦୟନୀୟ ଭାବେ। ବନ୍ୟା ସମୟରେ ଘର ଡିହ ବୁଡ଼ିଯାଏ, ଘର ଭିତରେ ପାଣି ଲହଡି ମାରେ। ଗୋପୀନାଥଙ୍କୁ ସରକାରୀ ଆବାସ ଯୋଗାଇଦେବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

## ସିଂହପୁର ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ଗୁରୁପୂଜନ

**ସିଂହପୁର, ୩୧।୧(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଉଚ୍ଚବିଦ୍ୟାଳୟର ୧୯୭୯ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ଗୁରୁପୂଜନ ଉତ୍ସବ ମା’ ଦରିଆ ନାହାକାଣୀ ନିକଟ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପୁରସ୍କାରପ୍ରାପ୍ତ ସେବା ନିବୃତ୍ତ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ସାମଲ ସଭାପତିତ୍ୱ କରିଥିଲେ। କୃଷ୍ଣଚନ୍ଦ୍ର ଥାଟୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ନିର୍ମଳ ଚନ୍ଦ୍ର ସାମଲ, ବଟକୃଷ୍ଣ ମଲ୍ଲିକ, ପ୍ରହଲ୍ଲାଦ ପଣ୍ଡା, ନାରାୟଣ ଚନ୍ଦ୍ର ଦାସ, କଲ୍ୟାଣୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁବୋଧ ଦାସ,



ଉମେଶ ଥାଟୋଇ, ଅସିତ ଧଳ, ବିନୋଦ ବିହାରି ଦାସ, ହରେକୃଷ୍ଣ ଦାସ, ମର୍କତ ମଂଜରୀ ବେଉରିଆ, ସୁବାସ ଚନ୍ଦ୍ର ନାୟକ, ବିରଞ୍ଚି ସାମଲ, ସନ୍ୟାସୀ ସାହୁ, ମିନରୀ ଜେନା, ବୀଣାପାଣି ବିଦ୍ଧାଣୀ, ମନୋଜ ସାହୁ, ମନୋରମା ସାହୁ ପ୍ରମୁଖଙ୍କ ସମେତ ବ୍ୟାଚ୍ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ପ୍ରଶାନ୍ତ ଦାସ ଧନ୍ୟବାଦ ଜଣାଇଥିଲେ। ମା’ ଦରିଆ ନାହାକାଣୀ ପୀଠରେ ସଫେଇ କାର୍ଯ୍ୟକ୍ରମ କରାଯିବା ସହ ପଲିଥିନ ବ୍ୟବହାର ପରିତ୍ୟାଗ ପାଇଁ ବାର୍ତ୍ତା ଦିଆଯାଇଥିଲା। ଅଞ୍ଜୁପ୍ରଭା ଧଳ, ପ୍ରଭାତ ଦାସ, ପ୍ରବୋଧ ନାୟକ, ପ୍ରଶାନ୍ତ କୁମାର ଥାଟୋଇ, ସୁଷମା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଶା ନିବାରଣ ଅଭିଯାନର ଦାବିପତ୍ର

**ଦଶରଥପୁର,୩୧।୧(ସମିସ):** ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସରେ ଓଡ଼ିଶା ନିଶାନିବାରଣ ଅଭିଯାନ (ମୋନା)ର ଆହ୍ୱାନକ୍ରମେ ଦଶରଥପୁର ବ୍ଲକ ଶାଖା ପକ୍ଷରୁ ଏକ ସାଧାରଣ ସଭା ଓ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶାଖାର ସଦସ୍ୟମାନେ ଦଶରଥପୁର ବ୍ଲକ ସନ୍ନିକଟ କଣ୍ଟମଣ୍ଡପରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ବରିଷ୍ଠ ସଭ୍ୟ ଦୁର୍ଗା ଚରଣ ବାରିକଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ହୋଇଥିଲା। ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ରାୟ, ଅଜୟ ବିଶ୍ୱାଳ, ସୁଦର୍ଶନ ନାୟକ, ବାସୁଦେବ ଦାସ, ଦେବବ୍ରତ ନାୟକ, ବିଶ୍ୱମ୍ବର ନାୟକ ଓ କମିଟିର ସମ୍ପାଦକ ମଳୟ କୁମାର ପଣ୍ଡା ପ୍ରମୁଖ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରି ନିଶା ନିବାରଣ କାର୍ଯ୍ୟକ୍ରମକୁ ରାଜ୍ୟରେ ଲାଗୁ କରିବାକୁ ବ୍ଲକ ପ୍ରଶାସନ ନିକଟରେ ଦାବିପତ୍ର ପ୍ରଦାନ କରିଥିଲେ।

## ଖରସ୍ରୋତା କଲେଜ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସିଂହପୁର, ୩୧/୧(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଖରସ୍ରୋତା ମହାବିଦ୍ୟାଳୟର ଅଧ୍ୟକ୍ଷ ଘନଶ୍ୟାମ ଜେନାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଗଗନ ବିହାରୀ ବେହେରା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ସତ୍ୟବ୍ରତ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଓ ବିଦାୟ ସଂଗୀତ ଗାନ କରାଯାଇଥିଲା। ଅଧ୍ୟକ୍ଷ ଶ୍ରୀ ଜେନା ଛାତ୍ରଛାତ୍ରୀଙ୍କୁ ସମାଜରେ ଜଣେ ଜଣେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ନୀଳାବତୀ ପଣ୍ଡା, ଅଧ୍ୟାପକ ମିହିର କୁମାର ରାଉତ, ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ସାମଲ, ସୁବାସ ଚନ୍ଦ୍ର ସାହୁ, ଦୀପ୍ତିରଞ୍ଜନ ସେନାପତି, ଶରତ ଚନ୍ଦ୍ର ରାଉତ, ଅଧ୍ୟାପିକା ମାମିନା ଆଚାର୍ଯ୍ୟ, ପ୍ରୀତିରେଖା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ରୋଜାଲିନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଯାଜପୁର,୩୧।୧(ସମିସ):** ଯାଜପୁର ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ କମିଟି ପକ୍ଷରୁ ଅନ୍ୟତ୍ର ବଦଳି ହୋଇଥିବା ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କୁ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳ ଶୁଭେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିନର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶୋକ କୁମାର



ବେହୁରିଆ, ଉପ-ଜିଲ୍ଲାପାଳ ଗୋପୀନାଥ କୁଅଁର, ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକ, ଡେପୁଟୀ କଲେକ୍ଟର ସୋନମ ଦାସ, ଶାଶ୍ୱତୀ ସୁତୁଆଲ, ଭୂ ଅର୍ଜନ ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ, ଡେପୁଟୀ କଲେକ୍ଟର କ୍ଷୀରୋଦ କୁମାର ଦାସ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମଞ୍ଜୁଲତା ନାୟକ, ଜାତୀୟ ସୂଚନା ବିଜ୍ଞାନ ଅଧିକାରୀ ସୁଧାଂଶୁ ଶେଖର ଶତପଥୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ଜ୍ଞାନ ରଂଜନ ସେଠୀ, ଜିଲ୍ଲା କାର୍ଯ୍ୟାଳୟ ଷ୍ଟାଫ କମିଟି ସଭାପତି ନିଗମାନନ୍ଦ ମାନ୍ଧତା, ସଂପାଦକ ମଦନ ମୋହନ ପତିଙ୍କ ସମେତ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ବିଦାୟୀ ଜିଲ୍ଲାପାଳଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ।

## ଶହୀଦ ଦିବସରେ ନିରବ ପ୍ରାର୍ଥନା ସଭା



**ଯାଜପୁର,୩୧।୧(ସମିସ):** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶୁଭେନ୍ଦ୍ର କୁମାର ସାମଲଙ୍କ ଅଧ୍ୟକ୍ଷତାରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ତଥା ଶହୀଦ ଦିବସ ପାଳିତ ହୋଇଯାଇଛି। ବ୍ରିଟିଶ ବିରୋଧରେ ସଂଗ୍ରାମ କରି ଶହୀଦ ହୋଇଥିବା ସ୍ୱାଧୀନତା ସଂଗ୍ରାମୀ ଓ ଯାଜପୁର ଜିଲ୍ଲାର ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳମଣି ସାମଲ, ବୀର ଯବାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରାଯାଇଥିଲା। ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ଅଧିକାରୀ କୁଳମଣି ନାୟକ, ଡେପୁଟି କଲେକ୍ଟର, ସୋନମ ଦାସ, ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା କାର୍ଯ୍ୟ ସଂଚାଳନ କରିଥିଲେ।

# ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ

**ଦଶରଥପୁର, ୩୧।୧(ସମିସ):**

ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ନିମନ୍ତେ ପଞ୍ଚାୟତରେ ହେଉଥିବା ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ ଚିତାଲୋ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସୀତାକାନ୍ତ ଶତପଥୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟ ଓ ରାଜ୍ୟବାସୀଙ୍କ ପାଇଁ ସରକାର କରିଥିବା ସମସ୍ତ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଉପସ୍ଥିତ ପଞ୍ଚାୟତବାସୀଙ୍କୁ ଅବଗତ କରିଥିଲେ।

ସମ୍ମାନିତ ଅତିଥିଭା ବେ ବିଡିଓ ଆକାଶ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀ, ସମିତି ସଭ୍ୟ ବିଶ୍ୱଜିତ ରାୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାହାସ ବିହାରୀ ଜେନା, ପୂର୍ବତନ ସରପଞ୍ଚ ଦିଲ୍ଲୀପ ମହାନ୍ତି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା



ସମ୍ପର୍କରେ ଆଲୋକପାତ କରିଥିଲେ। ଏ ପରିପ୍ରେକ୍ଷୀରେ ବ୍ଲକ ପ୍ରଶାସନ ପକ୍ଷରୁ କୃଷି ଉଦ୍ୟାନ, ଅଙ୍ଗନବାଡ଼ି, ସ୍ୱୟଂସହାୟକ ଗୋଷ୍ଠୀ, ବ୍ୟାଙ୍କିଙ୍ଗ୍ ସେବା ଭଳି ବିଭିନ୍ନ ଷ୍ଟଲ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତ କରାଯାଉଥିବା ଦେଖିବାକୁ ମିଳିଥିଲା। ଏହି କ୍ରମରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସିଥିବା ବିଭିନ୍ନ ସାଂସ୍କୃତିକ ଦଳ ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରଙ୍କ ଯୋଜନା ପରିବେଷଣ କରିଥିଲେ। ପିଇଓ ଝିଲି ସାହୁ, ଜିଆର୍‌ଏସ୍ ଅଭିନ ବିହାରା, ଯୁବ ବିଜେଡି ନେତା ଶୁଭବ୍ରତ ଶତପଥୀ, ଅଜୟ ରାଉତ, ଉତ୍ତମ ପରିଡ଼ା, ଶରତ ରାଉତଙ୍କ ସମେତ ଅଙ୍ଗନବାଡ଼ି କର୍ମୀ, ଏମ୍‌ବିକେ, ସିଆର୍‌ପି ପ୍ରମୁଖ ପରି.ଳନାରେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଶତାଧିକ ସଂଖ୍ୟାରେ ମହିଳା ଓ ଜନସାଧାରଣ ସାମିଲ ହୋଇଥିଲେ।

## ଠକେଇ ମାମଲାରେ ଅଭିଯୁକ୍ତକୁ ଜେଲ୍

**କୁଜଙ୍ଗ, ୩୧ା୧(ସମିସ):** ଜମି କିଣାଇ ଦେବାକୁ କହି ଏକାଧିକ ଠକେଇ କରିଥିବା ଅଭିଯୋଗରେ ମାନ୍ୟବର କୁଜଙ୍ଗ ଜେଏମ୍ଏଫ୍ସି ତାଙ୍କ ରାୟ ଶୁଣାଇଛନ୍ତି। ରାଜଧାନୀ ଭୁବନେଶ୍ୱରରେ ମୂଲ୍ୟବାନ ଜମି କରାଇଦେବା ନାଁରେ ଦିଲ୍ଲୀରେ ରହୁଥିବା ଜଣେ ବ୍ୟକ୍ତିଙ୍କୁ କୁଜଙ୍ଗ ବ୍ଲକ ପାରାଦ୍ୱୀପ ଗଡ଼ର ସୁଶାନ୍ତ କୁମାର ମହାପାତ୍ର(୫୦) ଠକେଇ କରିଥିବା ଦିଲ୍ଲୀ ନିବାସୀ ସତ୍ୟନ୍ଦ୍ର କୁମାର ସିଂହ ଲକ୍ ଥାନାରେ ଅଭିଯୋଗ କରିଥିଲେ। ସୁଶାନ୍ତ ତାଙ୍କଠାରୁ ୭ ଦଫାରେ ୨୦ଲକ୍ଷ ଟଙ୍କା ନେଇଥିବା ଏତଲାରେ ଦର୍ଶାଇଥିଲେ। ଜମି କିମ୍ବା ଟଙ୍କା ନଦେବାରୁ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୁଲିସ ମାମଲା ରୁଜୁକରି ସୁଶାନ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ୧୭ମାସ ହେଲେ ସେ ସମାଗୋଳ କାରାଗାରରେ ଅଛନ୍ତି। କୁଜଙ୍ଗ ଜେଏମ୍ଏଫ୍ସି ବିଶ୍ୱଭୂଷଣ ନାୟକ ରାୟ ଶୁଣାଇ ସୁଶାନ୍ତଙ୍କୁ ୨ବର୍ଷ ୬ ମାସ ଜେଲ ସହ ୧୦ ହଜାର ଟଙ୍କାର ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟ ପୃଥକ ପୃଥକ ୩ମାସର ଜେଲ୍ ଦଣ୍ଡ ଶୁଣାଇଥିବା ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ନଳିନୀ ରଞ୍ଜନ ଦାଶ କହିଛନ୍ତି।

● ଚିକେନ୍ ଦୋକାନୀଙ୍କୁ ଲୁଟିଲେ ସାଇବର୍ ଠକ

## ଆର୍ମି ଅଫିସର କହି ନେଇଗଲେ ୨୦ହଜାର

**ପାରାଦୀପ, ୩୧ା୧(ସମିସ):** ପାରାଦୀପ ନେହୁର ବଙ୍ଗଳା ଅଞ୍ଚଳର ଜଣେ ଚିକେନ୍ ଦୋକାନୀ ସାଇବର ଠକେଇର ଶିକାର ହୋଇଛନ୍ତି। ନେହୁରୁ ବଙ୍ଗଳା ମାର୍କେଟ କମ୍ପ୍ଲେକ୍ସରେ ମା' ରାମଚଣ୍ଡୀ ନାମରେ ଚିକେନ କାଉଣ୍ଟର କରିଛନ୍ତି ପ୍ରଶାନ୍ତ ବାଡୋଇ। ମଙ୍ଗଳବାର ଏକ ଅଜଣା ନମ୍ବରରୁ ଜଣେ ବ୍ୟକ୍ତି ଫୋନ୍ କରି ନିଜକୁ ଆର୍ମି ଅଫିସର ପରିଚୟ ଦେଇ ପାରାଦୀପରେ ୧୫ଦିନ ଗୋଟିଏ ୟୁନିଟ୍ ରହିବେ, ଆଉ ପ୍ରତିଦିନ ୧୫ କେଜି ଲେଖାଏ ଚିକେନ ଦରକାର ବୋଲି କହିଥିଲେ। ବିଶ୍ୱାସ ଜନ୍ମାଇବା ପାଇଁ ଆର୍ମି ଗାଡ଼ି ଆସି ଚିକେନ ନେବ ବୋଲି କହିଥିଲେ। ଚିକେନ କାଟିବା ପରେ କିନ୍ତୁ କେହି ଆସିନଥିଲେ। ଠକ ଜଣକ ଫୋନ୍ ପେ' ସ୍କାନର ପଠାଇ ପ୍ରଥମେ ଏକ ଟଙ୍କା ପରେ ପାଞ୍ଚ ଟଙ୍କା ଦୋକାନୀକୁ ପଠାଇବାକୁ କହିଥିଲେ। ଟଙ୍କା ପଠାଇବା ପରେ ତାଙ୍କ ଆକାଉଣ୍ଟରୁ ୨୦ ହଜାର ୨୦୦ ଟଙ୍କା ଖାଲି କରିନେଇଥିଲା ଠକ।

## ବରିଷ୍ଠ ବିଜେଡି କର୍ମୀଙ୍କ ପରଲୋକ

**ବିରିଡି, ୩୧ା୧(ସମିସ):** ବିରିଡି ବ୍ଲକ ବାରେଡ଼ିଆ ଗ୍ରାମର ବରିଷ୍ଠ ବିଜେଡିକର୍ମୀ ବାବୁଲି ପାଳଙ୍କ ୬୩ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛିଦିନ ହେବ ଅସୁସ୍ଥତା କାରଣରୁ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମରଶରୀରକୁ ବାରେଡ଼ିଆ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ତାଙ୍କ ମୃତ୍ୟୁରେ ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ, ପୂରଣ ସମବାୟ ସମିତି ସଭାପତି ନନ୍ଦକିଶୋର ବସ୍ତିଆ, ରତିକାନ୍ତ ପାଲ, ବସନ୍ତ ଛୋଟରାୟ, କାଳନ୍ଦୀ ବସ୍ତିଆ, କିଶୋର ପାଲ, ଦୁଃଶାସନ ମହାପାତ୍ର, ସରପଞ୍ଚ ଯୁଧିଷ୍ଠିରବେହେରା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## କୃଷକ ନେତାଙ୍କ ପରଲୋକ

**କୁଜଙ୍ଗ, ୩୧ା୧(ସମିସ):** କୁଜଙ୍ଗ ବ୍ଲକ ଅଗପାଳ ପଞ୍ଚାୟତ କଳଦୀପ ନିବାସୀ ବିଶିଷ୍ଟ କୃଷକ ନେତା ତଥା ବହୁବାର ଜନପ୍ରତିନିଧି ହୋଇଥିବା ଜଗବନ୍ଧୁ ନାୟକ(୯୧) ଙ୍କ ପରଲୋକ ଘଟିଛି। ବିଶିଷ୍ଟ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, ଶ୍ରୀଧର ବିଶ୍ୱାଳ, ପଙ୍କପାଳର ପୂର୍ବତନ ସରପଞ୍ଚ ଡା ଶରତ ଚନ୍ଦ୍ର ମହାପାତ୍ର, ଶିକ୍ଷକ ନେତା ପ୍ରଫୁଲ୍ଲ ମହାପାତ୍ର, ପ୍ରଫୁଲ୍ଲ ସାମଲ, ବାନାମ୍ବର ଶତପଥି ପ୍ରମୁଖ ଶେଷ ଦର୍ଶନ କରିଛନ୍ତି। ଗ୍ରାମ ସ୍ମଶାନରେ ଶେଷକୃତ କରାଯାଇଥିବା ବେଳେ ଜ୍ୟେଷ୍ଠ ପୁଅ ଗଜେନ୍ଦ୍ର ମୁଖାଗ୍ନି ଦେଇଥିଲେ। ବର୍ଷିଆନ ନେତା ଦାମବାବୁଙ୍କ ସହଯୋଗୀ ଥିବା ଜଗବନ୍ଧୁଙ୍କ ପରଲୋକରେ ଦାମ ବାବୁଙ୍କ ସହ ପାରାଦ୍ୱୀପ ବିଧାୟକ, ବ୍ଲକ ଅଧ୍ୟକ୍ଷ ମଧ୍ୟ ଶୋକ ପ୍ରକାଶ କରିଛନ୍ତି।

## ବ୍ରୋସ୍ଫ୍ଲିକ୍ସ ଟ୍ରଫି ଉଦ୍ଯାପିତ; କୋଲର ଚାମ୍ପିଅନ୍




**କୁଜଙ୍ଗ, ୩୧ା୧(ସମିସ):** କୁଜଙ୍ଗ ବ୍ଲକ ଅଗପାଳ ପଞ୍ଚାୟତ ପଥୁରିଆ କ୍ରିକେଟ୍ ପଡ଼ିଆରେ ବ୍ରୋସ୍ଫ୍ଲିକ୍ସ ପ୍ରାଇଭେଟ୍ ଲିମେଟଡ୍ ପକ୍ଷରୁ ୨ୟ ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ତିନି ସିରିଜ ବିଶିଷ୍ଟ ଫାଇନାଲ ମ୍ୟାଚ୍ ପଙ୍କପାଳ ଓ କୋଲର କ୍ରିକେଟ୍ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ଟି ପଙ୍କପାଳ ଜିତିଥିବା ବେଳେ ଶେଷ ଦୁଇଟି ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ଭାବେ କୋଲର ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିଆନ୍ ହୋଇଛି। ଉଦ୍ଯାପନ ଉତ୍ସବରେ ମୁଖ୍ୟଅତିଥି ରୂପେ ବ୍ରୋସ୍ଫ୍ଲିକ୍ସ ପ୍ରାଇଭେଟ୍ ଲିମେଟଡ୍ ପ୍ରମୁଖ ଉପଦେଷ୍ଟା ସମାଜସେବୀ କବିନ୍ଦ୍ର ବିଶ୍ୱାଳ ଚମ୍ପିଆନ୍ ଦଳକୁ ଟ୍ରଫି ସହ ଅର୍ଥ ରାଶି ପୁରସ୍କାର ଦେଇଥିଲେ। ସେହିପରି ଏହାର ନିର୍ଦ୍ଦେଶକ କାଳନ୍ଦୀ ବିଶ୍ୱାଳ ଯୋଗଦେଇ ଗ୍ରାମାଞ୍ଚଳରେ ଏଭଳି ଏକ ମେଗା ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଇ ଯୁବ ପ୍ରତିଭାଙ୍କ ବିକାଶରେ ସହଯୋଗ କରିଥିବା କହିଥିବା ବେଳେ ବିଜୟୀ ଦଳକୁ ୧୮ ହଜାର ଟଙ୍କା ଓ ଟ୍ରଫି, ଉପ ବିଜେତା ପଙ୍କପାଳ ଦଳକୁ ୧୨ହଜାର ଟଙ୍କା ଓ ଟ୍ରଫି ପ୍ରଦାନ ସହ ଅନ୍ୟାନ ବର୍ଗରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସିରିଜ ସହ ସବୁ ବର୍ଗରେ ପୁରସ୍କାର ପ୍ରଦାନ କରିଥିଲେ।

### ଏରସମା ପଞ୍ଚାୟତ ସମିତି ବୈଠକ ସ୍ଥାନକୁ ନେଇ ବିବାଦ

# ଅତିଥି ଭବନରେ ବୈଠକ; ବ୍ଲକ୍ ଆଗରେ ଧାରଣା

**ଏରସମା, ୩୧ା୧(ସମିସ)**



ବିଭିନ୍ନ ଅଭିଯୋଗ ପରେ ଦୀର୍ଘ ୯ ମାସ ବ୍ୟବଧାନରେ ପଞ୍ଚାୟତ ସମିତି ବୈଠକ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ ବଦଳରେ ଶିଆଳି ବେଳାଭୂମିଠାରେ କରାଯିବା ପ୍ରତିବାଦରେ ୨୧ ଜଣ ସରପଞ୍ଚ ଓ ସମିତିସଭ୍ୟ/ସଭ୍ୟା ଧାରଣାରେ ବସିଛନ୍ତି।

ସୂଚନାଯୋଗ୍ୟଯେ, ବୁଧବାର ଶିଆଳି ସ୍ଥିତ ଓଟିଡିସି ଅତିଥି ଭବନରେ ଏରସମା ପଞ୍ଚାୟତ ସମିତିର ୫ମ ଅଧିବେଶନ ଚାଲିଥିବା ବେଳେ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟସଭ୍ୟାମାନେ ଉକ୍ତ ବୈଠକକୁ ବର୍ଜନ କରି ଏରସମା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ଶିଆଳି ଠାରେ ପଞ୍ଚାୟତ ସମିତି ବୈଠକ ବସିବାର ନିଷ୍ପତ୍ତିକୁ ପୁନର୍ବିଚାର ପାଇଁ ସରପଞ୍ଚ ଓ ସମିତିସଭ୍ୟମାନେ ଲିଖିତ ଦାବିପତ୍ର ଦେବା ପରେ ମଧ୍ୟ ପଞ୍ଚାୟତ ସମିତି ଅଧକ୍ଷା କିମ୍ବା ବିଡ଼ିଓ ନିଷ୍ପତ୍ତିର ପୁର୍ନବିଚାର ନକରିବାରୁ ସେମାନେ ବାଧହୋଇ ଧାରଣାରେ ବସିରହିଛନ୍ତି। ଏହି ସମସ୍ୟାର ସମାଧାନ ପୂର୍ବକ ୫ମ ପଞ୍ଚାୟତ ସମିତି ବୈଠକକୁ ବାତିଲ କରି ପଞ୍ଚାୟତ ସମିତି ନିୟମ ଅନୁଯାୟୀ ୧୪ ଦିନ ମଧ୍ୟରେ ପୁନର୍ବାର ପଞ୍ଚାୟତ ସମିତି ବୈଠକ ଡକାନଗଲେ ସରପଞ୍ଚ ଓ ସମିତିସଭ୍ୟମାନେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପଞ୍ଚାୟତିରାଜ ସଚିବଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବେ ବୋଲି ଚେତାବନୀ ଦେଇଛନ୍ତି।

● ଧାରଣାରେ ବସିଲେ ବହୁ ସରପଞ୍ଚ, ସମିତିସଭ୍ୟ

ଧାରଣାସ୍ଥଳରେ ଏରସମା ସରପଞ୍ଚ ସଂଘ ସଭାପତି ସଚ୍ଚିଦାନନ୍ଦ ଦାସ ଓ ସମିତିସଭ୍ୟ ସଂଘ ସଭାପତି ସୁନୀଲ ଗୋଛାୟତ, ବ୍ଲକ ଉପାଧ୍ୟକ୍ଷ ବିକାଶ କୁମାର ପରିଡ଼ା, କୃଷ୍ଣଚନ୍ଦ୍ରପୁର ସରପଞ୍ଚ ସ୍ୱର୍ଣ୍ଣପ୍ରଭା ଦଳାଇ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଧାରଣା ପ୍ରତ୍ୟାହାର ପାଇଁ ପ୍ରବର୍ତ୍ତାଇ ଥିଲେ ମଧ୍ୟ ଧାରଣାରେ ଥିବା ସୋମପୁର ସରପଞ୍ଚ ସୁକାନ୍ତି ରାଉତ, ନାରଦିଆ ସରପଞ୍ଚ ସୀମାଇ ଚନ୍ଦ୍ର ଭୋଳ, ସମିତି ସଭ୍ୟ ପ୍ରଫୁଲ୍ଲ ପାଳ, ପଏଦା ସରପଞ୍ଚ ଦିପ୍ତୀରାଣୀ ପ୍ରଧାନ, ପଦ୍ମପୁର ସମିତି ସଭ୍ୟ ନାରାୟଣ ସେଠି, ଗଡ଼ବିଶୁନପୁର ସରପଞ୍ଚ ରାଜେଶ ପ୍ରଧାନ, ଆମ୍ବିକି ସରପଞ୍ଚ ରଞ୍ଜନ କୁମାର ଜେଠି, ଜିରାଇଲୋ ସରପଞ୍ଚ ଭାରତୀ ସାହୁ, ସମିତି ସଭ୍ୟ ରଘୁନାଥ ସ୍ୱାଇଁ, ପଲ୍ଲୀକଣ୍ଡା ସରପଞ୍ଚ ରଶ୍ମିତା ସ୍ୱାଇଁ, ସମିତି ସଭ୍ୟା ସନ୍ଧ୍ୟାରାଣୀ କୁଅଁର, ଭିତରଅନ୍ଧାରି ସରପଞ୍ଚ ଭୁବନେଶ୍ୱରୀ ମାଝୀ, କୁଞ୍ଜକୋଠି ସମିତିସଭ୍ୟା ମଧୁସ୍ମିତା ସ୍ୱାଇଁ, ବଳେଇପୁର ସରପଞ୍ଚ ସୁଷମା ସ୍ୱାଇଁ, ସମିତିସଭ୍ୟା ସଂଗୀତା ପ୍ରିୟଦର୍ଶିନୀ ନାୟକ, ଚଟୁଆ ସରପଞ୍ଚ ପ୍ରକାଶ ସୁନ୍ଦରାୟ, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ ଦାସ, ବାମଦେଇପୁର ସମିତି ସଭ୍ୟ ବିକ୍ରମ ମହାପାତ୍ର, ନୂଆଗାଁ ସରପଞ୍ଚ ସୁଚିତ୍ରା ମନ୍ତ୍ରୀ, ସମିତିସଭ୍ୟା ସସ୍ମିତା ପଶାୟତ, ଢ଼ିଙ୍କିଆ ସମିତି ସଭ୍ୟା ମିତାଞ୍ଜଳି ଭୋଇ ଓ ୪ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପିନାକୀ ନାରାୟଣ ଦାସ ପ୍ରମୁଖ ୫ ମ ପଞ୍ଚାୟତ ସମିତି ବୈଠକକୁ ବାତିଲ ଦାବିରେ ଅଟଳ ରହିଥିଲେ।

ଅନ୍ୟପକ୍ଷରେ ଶିଆଳିଠାରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଉପାଧ୍ୟକ୍ଷ ବିକାଶ ପରିଡ଼ା, ବିଡ଼ିଓ ଲମ୍ବୋଦର ଖୁଣ୍ଟିଆ, ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗୋଛାୟତ, ପ୍ରଣବ ସ୍ୱାଇଁ, ରାଣୀ ଟୁଡୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ/ସଭ୍ୟା ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ଯୋଗଦେଇଥିଲେ। ବୈଠକ ଶେଷରେ ବାଲିକୁଦା ଏରସମା ବିଧାୟକ ରଘୁନନ୍ଦନ ଦାସ ପହଞ୍ଚିଥିଲେ।

## ଜଗତସିଂହପୁର ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



**ଜଗତସିଂହପୁର, ୩୧ା୧(ସମିସ):** '୫-ଟି' ଉଚ୍ଚ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧିନରେ ଶିକ୍ଷାଦାନରେ ଅଧିକ ଉତ୍ସାହ ତଥା ପ୍ରୋତ୍ସାହନ ନିମନ୍ତେ ଜଗତସିଂହପୁର ଜିଲ୍ଲାକୁ 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରଦାନ କରାଯାଇଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇ ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟାୱରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଜଗତସିଂହପୁର ଜିଲ୍ଲା ଝାରସୁଗୁଡା ଜିଲ୍ଲା ସହ ମିଳିତ ଭାବେ ଶ୍ରେଷ୍ଠ ଜିଲ୍ଲା ବର୍ଗରେ ତୃତୀୟ ସ୍ଥାନରେ ରହି ଜିଲ୍ଲା ପୁରସ୍କାର ଗ୍ରହଣ କରିଥିଲେ। ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାୱରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଜିଲ୍ଲାରେ ୫-ଞ ଉପକ୍ରମରେ ୨୫୩ଟି ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ ହୋଇଛି।ଏତଦବ୍ୟତୀତ ୫୨ ଜଣ ପିଲାଙ୍କୁ ମେଧା ଶିକ୍ଷା ପୁରସ୍କାର, ୫ ଜଣ ମାଧ୍ୟମିକ ଶିକ୍ଷକଙ୍କୁ ରାଜ୍ୟ ଶିକ୍ଷା ପୁରସ୍କାର, ୨୧ ଜଣ ଶିକ୍ଷକଙ୍କୁ ଜିଲ୍ଲା ଶିକ୍ଷା ପୁରସ୍କାର, ସିଆରସିସି ଜଣେ, ପୁରାତନ ଛାତ୍ର କମିଟିରେ ୪ଟି, ବିଦ୍ୟାଳୟ ପରିଚାଳନାରେ ୩ଟି, ମାଧ୍ୟମିକ ବିଦ୍ୟାଳୟ ବର୍ଗରେ ୩ଟି ଏବଂ ଗ୍ରାମପଞ୍ଚାୟତ ବର୍ଗରେ ଜଗତସିଂହପୁର ଜିଲ୍ଲାକୁ ୩ଟି ପୁରସ୍କାର ମିଳିଛି। ରାଜ୍ୟ କୃତି ଶିକ୍ଷକ ପୁରସ୍କାର ପାଇଥିବା ଶିକ୍ଷକ ହେଲେ ଉମାକାନ୍ତ ନାୟକ, ଅମୂଲ୍ୟ କୁମାର ମିଶ୍ର, ନିକୁଞ୍ଜ କିଶୋର ଦାସ, ଅଞ୍ଜନା ସାହୁ ଓ ଗଣେଶ ଚନ୍ଦ୍ର ପାତ୍ର।

## ସଙ୍କେତର ବାର୍ଷିକ ଉତ୍ସବ ଉଦ୍ଯାପିତ

**ରଘୁନାଥପୁର, ୩୧ା୧(ସମିସ):** ରଘୁନାଥପୁର ବ୍ଲକ ଓଡ଼ପଡ଼ା ସଂକେତ ଶିଳ୍ପ ତାଲିମ କେନ୍ଦ୍ର ଓ ସଂକେତ ସ୍କୁଲ ଅଫ ମ୍ୟାନେଜମେଣ୍ଟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ




ତିରୋଧାନ ଦିବସରେ ଅନୁଷ୍ଠିତ ଉତ୍ସବର ବର୍ଷସାରା ରକ୍ତଦାନ ବକ୍ତୃତା ପ୍ରତିଯୋଗିତା ନାଚ ଗୀତ ଖେଳକୁଦ ବୃକ୍ଷରୋପଣ ସଫେଇ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇ ଥାଏ। ସଂକେତର ସାଧାରଣ ସଂପାଦକ ବଦ୍ରିନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଏବଂ ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟାପକ ନିମାକାନ୍ତ ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ମାନେ ସୁନାଗରିକ ହୋଇ ଦେଶ ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମାଜରେ ଅବହେଳିତ ଥିବା ତଥା ନିରନ୍ତର ଭାବେ ସେବା ବ୍ରତୀ ଥିବା ବ୍ୟକ୍ତି ଶ୍ରୀଧର ସାହୁ ମନୋଜ କୁମାର ବାରିକ ଓ କୃଷ୍ଣଚନ୍ଦ୍ର ବେହେରାଙ୍କୁ ଅତିଥି ମାନେ ଉତ୍ତରୀୟ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂକେତ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାନ୍ତି, ଦୁଇ ଅଧକ୍ଷ ରଞ୍ଜିତ କୁମାର ସାହୁ ଓ ସତ୍ୟଦିପ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କଟ୍‌ନି ଛଟ୍‌ନି ପ୍ରତିବାଦରେ ତହସିଲ ଆଗରେ ଧାରଣା



**ବାଲିକୁଦା, ୩୧ା୧(ସମିସ):** ଧାନ ମଣ୍ଡିରେ ବ୍ୟାପକ ଅନିୟମିତତା, ଧାନ କ୍ରୟରେ ବେଆଇନ ଭାବେ ୩ କିଲୋ କଟ୍‌ନୀ ଛଟନୀ ଏବଂ ଚାଷୀଙ୍କୁ ଅଖା ଟଙ୍କା ଦିଆଯାଉ ନଥିବା ପ୍ରତିବାଦରେ ବାଲିକୁଦା ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ବାଲିକୁଦା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ଜିଲ୍ଲା ସଂଯୋଜକ ଦୁର୍ଗା ଚରଣ ସ୍ୱାଇଁ, ସହ ସଂଯୋଜକ ଅଶୋକ କୁମାର ସ୍ୱାଇଁ, ବ୍ଲକ ସଂଯୋଜକ ରଘୁନାଥ ନାୟକ, କୃଷକ ନେତା ବ୍ରହ୍ମାନନ୍ଦ ମହାନ୍ତି, ଗଙ୍ଗାଧର ଖଟୁଆ, ବାବାଜୀ ଚରଣ ଜେନା, ରଶ୍ମିରଞ୍ଜନ ରଥ, ରଞ୍ଜନ କୁମାର ମହାନ୍ତି, ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ତହସିଲ ଛକ ନିକଟରୁ ଏକ ଶୋଭାଯାତ୍ରାରେ ଯାଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। ସେଠାରେ ସଂଗଠନର କର୍ମକର୍ତ୍ତା ଓ ଚାଷୀମାନେ ଧାରଣାରେ ବସି ନାରାବାଜି କରିଥିଲେ। ଦୀର୍ଘ ସମୟ ପରେ ତହସିଲଦାର ଅଂଶୁମାନ ଶତପଥୀ ଧାରଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିବା ସହ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଦାବି ପୂରଣ ନହେଲେ ଆସନ୍ତା ୭ରୁ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସଂଗଠନ ଚେତାବନୀ ଦେଇଛି।

## ସର୍ବଭାରତୀୟ ବୃହତ୍ ବନ୍ଦର ଆଥଲେଟିକ୍ ମିଟ୍

**ପାରାଦୀପ, ୩୧ା୧(ସମିସ):** ୪୪ତମ ସର୍ବଭାରତୀୟ ବୃହତ ବନ୍ଦର ଆଥଲେଟିକ୍ ମିଟ୍ ଓ ୩୧ତମ ଛାତ୍ରଛାତ୍ରୀ ଆଥଲେଟିକ୍ ମିଟ୍ ମଙ୍ଗଳବାର ଦିନ ପାରାଦୀପ ବନ୍ଦର ଗୋପବନ୍ଧୁ ଷ୍ଟାଡିୟମ୍ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ବନ୍ଦର ଅଧ୍ୟକ୍ଷ ପି. ଏଲ୍. ହରନାଦ ଏହି କ୍ରୀଡା ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ




ଉଦଘାଟନ କରିଥିଲେ। ଆଠ ଗୋଟି ବୃହତ ବନ୍ଦରର ୨୫୦ଜଣ ପ୍ରତିଯୋଗୀ ୧୨ଗୋଟି ଦଳରେ ଅଂଶଗ୍ରହଣ କରିବେ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି। ମୁଖ୍ୟଅତିଥି ଶ୍ରୀ ହରନାଦ ପ୍ରତିଯୋଗୀମାନଙ୍କ ଠାରୁ ଅଭିବାଦନ ଗ୍ରହଣ କରିଥିଲେ। କ୍ରୀଡା ସମସ୍ତଙ୍କୁ ଶାରିରୀକ ଭାବେ ସୁସ୍ଥ କରିଥାଏ ବୋଲି ମୁଖ୍ୟଅତିଥି ଶ୍ରୀ ହରନାଦ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷ୍ଟଗାର୍ଡ ଡିଆଇଜି ସଂଜୟ ନେଗୀ, କ୍ରୀଡା ପରିଚାଳନା କମିଟିର ସଭାପତି ଡି.ଏନ୍.ସୋଣ୍ଡୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ସମ୍ପାଦକ ଡା. ଡି. ପି. ସେଠୀ, ସଂଯୋଜକ ରବୀନ୍ଦ୍ର କୁମାର ଦାସ, କୋଷାଧ୍ୟକ୍ଷ ଆର. ଏନ ମିଶ୍ର, ଯୁଗ୍ମ ସମ୍ପାଦକ ରଞ୍ଜନ ରଶ୍ମି ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ବଳେଇପୁର ନିକଟରେ ତୈଳ ପାଇପ୍ ଲିକ୍

**କୁଜଙ୍ଗ, ୩୧ା୧(ସମିସ):** ପାରାଦୀପରୁ ହାଇଦ୍ରାବାଦ ଯାଇଥିବା ପାଇପ୍ ଲାଇନ୍ ବଳେଇପୁର ବିନିପାଟ ରାସ୍ତାର ପାର୍ଶ୍ୱ ଏକ ବିଲ ମଧ୍ୟରେ ଲିକ୍ ହୋଇଥିବା ବୁଧବାର ସନ୍ଧ୍ୟାରେ ଜଣାପଡ଼ିଥିଲା। ପାରାଦ୍ୱୀପ ତୈଳ ବିଶୋଧନାଗାର ପକ୍ଷରୁ ଏହି ପାଇପ୍ ଲାଇନ ବିଛାଯାଇଛି। ବଳେଇପୁର ପାଖରେ ଏହି ପାଇପ୍ ଲାଇନ୍‌ର ଏକ ଜଙ୍କ୍‌ସନ ରହିଛି। ଗତ ୧୫ ଦିନ ତଳେ କେହି ଦୁର୍ବୃତ୍ତ ପାଇପ୍ ଲାଇନ୍ ଜଙ୍କ୍‌ସନର ଚାବି ଖୋଲି ନେଇ ଯାଇଥିବା ବେଳେ ଏହାକୁ ମରାମତି କରାଯାଇଥିଲା। ବୁଧବାର ରାତିରେ ଅଚାନକ ପାଇପ୍ ଲାଇନ୍ ଲିକ୍ ହେବା ପରେ ନିକଟସ୍ଥ ତିନି ଚାରିଟି ଗ୍ରାମ ତୈଳ ଗନ୍ଧ ହୋଇ ଏହାର ପ୍ରଭାବ ପଡ଼ିଥିଲା। କୁଜଙ୍ଗ ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ଏହି ଘଟଣା ଯୋଗୁ ପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। କୁଜଙ୍ଗର ଅଗ୍ନିଶମ ଅଧିକାରୀ କାର୍ତ୍ତିକ ବିଶ୍ୱାଳଙ୍କ ସହ ଏରସମାର ଅଗ୍ନିଶମ ଅଧିକାରୀ ଓ ଆଓସିଏଲ୍ ପାଇପ୍ ଲାଇନ୍ ଡିଭିଜନର ବରିଷ୍ଠ ଅଧିକାରୀ ଘଟଣା ସ୍ଥଳରେ ପହଁଚିଛନ୍ତି। ଶେଷ ଖବର ମୁତାବକ ମରାମତି ଚାଲିଛି।

## ଦାଦାବଟି ମାଗି ଜଣେ ଗିରଫ

**ପାରାଦୀପ, ୩୧ା୧(ସମିସ):** ପାରାଦୀପ ଜଟାଧାରୀ ମୁହାଣ ମେରାଇନ ଥାନା ଅଞ୍ଚଳରେ ଦାଦାବଟି ମାଗି ରାଜେଶ ବିଶ୍ୱାଳ ନାମକ ଜଣେ ଯୁବକ ଗିରଫ ପରେ ଆଜି କୋର୍ଟ ଚାଲାଣ ହୋଇଛି। ପୁଲିସ ସୂଚନା ଅନୁଯାୟୀ ସାଉଥ ଗେଟ୍‌ଠାରୁ ଏନ୍ଆରଏଲ ମଧ୍ୟରେ ଟ୍ରାକ୍ଟରରେ ପାଣି ନେଇ ଯାଉଥିବା ଏକ ଟ୍ୟାଙ୍କର ଗାଡିର ଡ୍ରାଇଭରକୁ ଉକ୍ତ ଯୁବକ ଜଣକ ଅଟକାଇ ଗାଳିଗୁଲଜ କରିବା ଓ ବଟି ଦେବାକୁ ଧମକ ଦେବା ନେଇ ଥାନାରେ ଅଭିଯୋଗ କରିଥିଲେ ପାଣି ଟ୍ୟାଙ୍କର ମାଲିକ। ପୁଲିସ ତାରିଣୀଗଡ଼ା ଅଂଚଳରେ ରହୁଥିବା ତପନ ବିଶ୍ୱାଳଙ୍କ ପୁଅ ରାଜେଶକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

# ଶିଳ୍ପ ପାଇଁ ଗୋଚର ଜମି ଅଧିଗ୍ରହଣକୁ ବିରୋଧ

**ଜଗତସିଂହପୁର, ୩୧ା୧(ସମିସ)**



ଜଗତସିଂହପୁର ଅଳସୁଧା ପଞ୍ଚାୟତର ନିପୁରଠାରେ ଥିବା ଗୋଚର ଜମିରେ ଶିଳ୍ପ ପ୍ରତିଷ୍ଠା ପାଇଁ ହେଉଥିବା ଉଦ୍ୟମକୁ ଗ୍ରାମବାସୀମାନେ ବିରୋଧ କରିଆସୁଛନ୍ତି। ଏଠାରେ ମେଡିକାଲ କଲେଜ ହେଉ ବୋଲି ଲୋକମାନେ ଦାବିକରି ଆସୁଛନ୍ତି। ତେବେ ବେଶ କିଛି ମାସ ନିରବ ରହିବାପରେ ମେସିନ ସହିତ କମ୍ପାନୀ କର୍ତ୍ତୃପକ୍ଷ ବୁଧବାର ସକାଳେ ରାସ୍ତା ନିର୍ମାଣ ଆରମ୍ଭ କରିବାପରେ ଏହାକୁ ଗ୍ରାମବାସୀମାନେ ତୀବ୍ର ବିରୋଧ କରିଥିଲେ। ଫଳରେ କମ୍ପାନୀର ମେସିନ ଡ୍ରାଇଭରମାନେ ଗାଡି ଛାଡି ଘଟଣାସ୍ଥଳରୁ ପଳାଇଥିଲେ। ଜଗତସିଂହପୁର ବ୍ଲକର ଅଳସୁଧା ପଞ୍ଚାୟତର ନିପୁରଠାରେ ଥିବା ପ୍ରାୟ ୬୨ ଏକର ଗୋଚର ଜମିରେ ଇଡିକୋ ପକ୍ଷରୁ ୨୦୧୪ରୁ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି। ଏଥିପାଇଁ ପୂର୍ବରୁ କର୍ତ୍ତୃପକ୍ଷ, ଅତିରିକ୍ତ ତହସିଲଦାର, ରେଭିନ୍ୟୁ ଇନ୍ସପେକ୍ଟର ଓ ସରକାରୀ ଅମିନଙ୍କ ଉପସ୍ଥିତିରେ ଜମି ଅଧିଗ୍ରହଣ ସହିତ ସୀମା ନିର୍ଦ୍ଧାରଣ କରାଯିବାକୁ ଉଦ୍ୟମବେଳେ ଗ୍ରାମବାସୀ ୨୦୨୩ ଜୁନ ୬ରେ ମିଳିମିଶି ବିରୋଧ କରିଥିଲେ। ୨୦୧୪ ମସିହାରୁ ପ୍ରଶାସନ ପକ୍ଷରୁ ଇଡକୋକୁ ଏହି ଗୋଚର ଜମି ଲୁଚାଛପାରେ ପ୍ରଦାନ କରାଯାଇଥିବା

● ଫେରିଗଲେ ପୁଲିସ ଓ କମ୍ପାନୀ କର୍ତ୍ତୃପକ୍ଷ

ସମୟରେ ଏଥିପାଇଁ କୌଣସି ପଲ୍ଲୀସଭା ହୋଇନାହିଁ କିମ୍ବା କୌଣସି ନୋଟିସ ଦିଆଯାଇନାହିଁ ବୋଲି ଗ୍ରାମବାସୀମାନେ ପ୍ରକାଶ କରିବା ସହିତ ଗୋଚର ଜମିରେ ଏହି ଶିଳ୍ପ ପ୍ରତିଷ୍ଠାକୁ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଏଠାରେ ମେଡିକାଲ କଲେଜ ହେଉ ବୋଲି ଲୋକମାନେ ଦାବି କରି ଆସୁଛନ୍ତି।

ଆଜି ସକାଳେ ଇଡ୍‌କୋଠାରୁ ଇଟା ପ୍ରସ୍ତୁତି ଶିଳ୍ପ ପାଇଁ ୧୧ ଏକର ଜମି ପାଇଥିବା ଏକ ଇଟା କମ୍ପାନୀ ପୋକଲିନ ଓ ଟ୍ରାକ୍ଟର ଲଗାଇ ରାସ୍ତା ତିଆରି ଆରମ୍ଭ କରିବାପରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଆଇନଜୀବୀ ବାସୁଦେବଙ୍କ ନେତୃତ୍ୱରେ ୬୦ରୁ ଅଧିକ ଜନସାଧାରଣ ଜାତୀୟ ପତାକା ଧରି ଘଟଣା ସ୍ଥଳରେ ପହଁଚିଥିଲେ। ଭୟରେ ପୋକଲିନ ଓ ଟ୍ରାକ୍ଟର ଡ୍ରାଇଭର ତଥା କମ୍ପାନୀର ଠିକାଦାର ଘଟଣା ସ୍ଥଳରୁ ପଳାୟନ କରିଥିଲେ। ସେହିପରି ସାଦା ପୋଷାକରେ ୩ ଜଣ ପୁଲିସ କର୍ମୀ ମୁତୟନ ହୋଇଥିବା ସମୟରେ ଲୋକଙ୍କ ବିରୋଧ ପରେ ସମସ୍ତେ ଫେରିଯାଇଥିବା ସୂଚନା ମିଳିଛି। ଏହି ଆନ୍ଦୋଳନର ନେତୃତ୍ୱ ନିପୁର ମେଡିକାଲ ଆନ୍ଦୋଳନର ଆବାହକ ଦେବେନ୍ଦ୍ର ସାହୁ, ଦେବୀ ପ୍ରସାଦ ସାହାଣି, ବିଧାନ ସାହାଣି ପ୍ରମୁଖ ନେଇଥିଲେ।

● ଏସ୍‌ଭିଏମ କଲେଜରେ 'ନୂଆ-ଓ' ସାହିତ୍ୟ କାର୍ଯ୍ୟକ୍ରମ ଉଦ୍ଯାପିତ

## 'ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରେ ମାନବୀୟ ଚେତନା ବିଶ୍ୱରେ ବିରଳ'

**ଜଗତସିଂହପୁର, ୩୧ା୧(ସମିସ):** ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଜଗତସିଂହପୁରରେ 'ନୂଆ-ଓ' କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ ଆୟୋଜିତ ଓଡିଆ ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ସଂକ୍ରାନ୍ତ ପ୍ରତିଯୋଗିତା ମଙ୍ଗଳବାର ଉଦ୍ଯାପିତ ହୋଇଯାଇଛି। ଶ୍ରୀ ଜଗନ୍ନାଥଙ୍କ ନିତିକାନ୍ତୀ, ପର୍ବପର୍ବାଣୀରେ ଯେଉଁ ମାନବୀୟ ଚେତନା ପ୍ରଦର୍ଶିତ ହୋଇଛି ତାହା ସାରା ବିଶ୍ୱରେ ବିରଳ ବୋଲି ଆଲୋଚନାଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।



କଲେଜ ପରିସରରେ ଥିବା ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନାଇଜରର କୂଳସଚିବ ତଥା ଜଗନ୍ନାଥ ସଂସ୍କୃତି ଗବେଷକ ଡଃ.ଅଭୟ କୁମାର ନାୟକ ଯୋଗଦେଇ ଶ୍ରୀ ଜଗନ୍ନାଥଙ୍କ ମାନବୀୟ ଆଚରଣ ମଣିଷକୁ ଶାନ୍ତି, ମୈତ୍ରୀ ଓ ପ୍ରୀତିର ବାର୍ତ୍ତା ଦେଇଛି ବୋଲି ଦର୍ଶାଇଥିଲେ। ମୁଖ୍ୟବକ୍ତା ଭାବେ ଆଧାମ୍ୱିକ ପ୍ରବକ୍ତା ତଥା କୁନି ପ୍ରବଚକ ଶ୍ରୀ କେଶବଦାସ ଦ୍ୱିତୀକୃଷ୍ଣ ଯୋଗଦେଇ ଜଗନ୍ନାଥ ଗାଳି ସହନ୍ତି; ମାତ୍ର ଗର୍ବ ନେହଁ ବୋଲି କହିଥିଲେ। ଅଧ୍ୟକ୍ଷ ବିଜୟ କୁମାର ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଯୁକ୍ତ ତିନିର ନୋଡାଲ ଅଫିସର ଡ. ଜ୍ୟୋତିରଞ୍ଜନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନ୍ୟତମ ସମ୍ମାନୀତ ଅତିଥି ଡ.ବିଜୟ କୁମାର ବିଶ୍ୱାଳ ଜଗନ୍ନାଥ ଅଷ୍ଟକ ପାଠ କରିଥିଲେ। ଯୁକ୍ତ ଦୁଇର ନୋଡାଲ ଅଫିସର ଶୁଭେନ୍ଦୁମୌଳି ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ସଫଳ ହୋଇଥିବା ୮୦ରୁ ଅଧିକ ପ୍ରତିଯୋଗୀଙ୍କୁ ଏହି ଅବସରରେ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ୱାଗତ



**କେନ୍ଦ୍ରାପଡ଼ା,୩୧ା୧(ସମିସ):** କେନ୍ଦ୍ରାପଡ଼ାର ନୂତନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଙ୍କୁ ସ୍ୱାଗତ ଜଣାଇଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ରାଜସ୍ୱ କ୍ଷେତ୍ରଅଧିକାରୀ ସଙ୍ଘ । ସଙ୍ଘ ସଭାପତି ସଭାପତି ସୁକାନ୍ତ କୁମାର ମଲିକ, ନଳିନୀ ପୃଷ୍ଟି, ସେକ ନିଆଯୁଦ୍ଦିନ,ଅନନ୍ତ କୁମାର ମହାରଣା, ଦୀପକ ଦାସ, ଶୁଭଶ୍ରୀ ଦାସ ପ୍ରମୁଖ ମଙ୍ଗଳବାର ସାକ୍ଷାତ କରିବା ସହିତ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

## ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଡେରାବିଶ,୩୧ା୧(ସମିସ):** ଡେରାବିଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମର ସଂଯୋଜିକା ଅଧ୍ୟାପିକା ଡକ୍ଟର ରୁଦ୍ରାଣୀ ପଟ୍ଟନାୟକ ପୌରହିତ୍ୟ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ର ଶେଖର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ନାରୀ ସଶକ୍ତ ହେଲେ ଦେଶ ତଥା ସମାଜ ଦୃଢ଼ ହେବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଧନେଶ୍ୱର ନାୟକ ଯୋଗଦେଇ ଯୁଗେ ଯୁଗେ ନାରୀ କିପରି ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ସାମାଜିକ ପରିବର୍ତ୍ତନରେ ନିଜକୁ ସାମିଲ କରିପାରିଛି ସେ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଡକ୍ଟର ସନ୍ଦୀପ ବଳ, ଜ୍ୟୋତିର୍ମୟ ବ୍ରହ୍ମା ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ।

## ଶିକ୍ଷାଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡା,୩୧ା୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ସହ ମଣ୍ଡଳ ଶିକ୍ଷା ଅଧିକାରିଣୀ କୁମୁଦିନୀ ଦେଇ ଆନୁଷ୍ଠାନିକ ଭାବେ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ କାର୍ଯ୍ୟାଳୟ ପରିସରରେ ଅଞ୍ଜନା ସ୍ୱାଇଁଙ୍କ ପୋ÷ରୋହିତ୍ୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା । ଜଣେ ଦକ୍ଷ ଆଦର୍ଶ ପ୍ରାଶାସନିକ ଅଧିକାରୀ ଭାବେ କାର୍ଯ୍ୟଭାର ତୁଲାଇଥିବା ଶ୍ରୀମତୀ ଦେଇଙ୍କ ଚାକିରି ଜୀବନ ସମ୍ପର୍କରେ ଉପସ୍ଥିତ ବ୍ୟକ୍ତି ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସିଆର୍‌ସିସି, ଶିକ୍ଷକ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ରହି ସେମାନଙ୍କ ଅଭିବ୍ୟକ୍ତି ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସହ ଶିକ୍ଷା ଅଧିକାରୀ ହିରଣ୍ୟ କୁମାର ବାରିକ ଶ୍ରୀମତୀ ଦେଇଙ୍କ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନନ୍ତ କୁମାର ପରିଡ଼ା କୃତଜ୍ଞତା ଜ୍ଞାପନ କରିଥିଲେ।

## ତ୍ରିବେଣୀ ମେଳା ଓ ରୁଦ୍ରଶାନ୍ତି ମହାଯଜ୍ଞ ପାଇଁ ପ୍ରସ୍ତୁତି

**ଡେରାବିଶ,୩୧ା୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ଜଗନ୍ନାଥପୁର ସ୍ଥିତ ଆର୍ତ୍ତେଶ୍ୱରଙ୍କ ପୀଠରେ ଆସନ୍ତା ଫେବୃୟାରୀ ୮ ତାରିଖରେ ପ୍ରସିଦ୍ଧ ତ୍ରିବେଣୀ ମେଳା ଓ ବିଶ୍ୱକଲ୍ୟାଣ ରୁଦ୍ରଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ । ଏହି ମେଳା ଓ ଯଜ୍ଞ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି କମିଟିର ସମ୍ପାଦକ ନାରାୟଣ ଲେଙ୍କା କହିଛନ୍ତି। ଦୀର୍ଘ ୬ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଜିଲ୍ଲା ସମେତ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିବା ଶ୍ରୀ ଲେଙ୍କା କହିଛନ୍ତି। ବ୍ଲକ ଅଞ୍ଚଳର ୧୦ଟି ପଞ୍ଚାୟତବାସୀଙ୍କ ସହଯୋଗରେ ଅନୁଷ୍ଠିତ ଏହି ମେଳା ଓ ଯଜ୍ଞ ପାଇଁ ପ୍ରତ୍ୟେହ ସନ୍ଧ୍ୟାରେ ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଫେବୃୟାରୀ ୧୩ ତାରିଖ ରାତିରେ ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ସମ୍ପାଦକ ଜଣାଇଛନ୍ତି।

## ଭାଷା, ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମ ଉଦ୍‌ଯାପିତ

**ଡେରାବିଶ,୩୧ା୧(ସମିସ):** ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଅଧୀନ ଭାଷା, ସାହିତ୍ୟ ଓ ସଂସ୍କୃତି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଅଧ୍ୟକ୍ଷ ଆର୍ତ୍ତତ୍ରାଣ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମର ମୁଖ୍ୟ ନୋଡ଼ାଲ ଅଧିକାରୀ ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥି ମଞ୍ଚ ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ଚିକିତ୍ସକ ଡକ୍ଟର ରାଜକିଶୋର ସ୍ୱାଇଁ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପଣ୍ଡିତ କରୁଣାକର ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବରେ ଆୟଉପୁରସ୍ଥିତ ଅନନ୍ତ ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ମଳୟ କୁମାର ଜେନା ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଆ ଭାଷାର ଇତିହାସ, ସାହିତ୍ୟ ଓ ସଂସ୍କୃତି, ଜନସାଧାରଣଙ୍କ ଉପରେ କିପରି ସୁପ୍ରଭାବ ପକାଇଥାଏ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

### ବିବାଦରେ ପୁଣି ରାଜକନିକା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ

# କିଶୋରୀ ବାଳିକା ମେଳା ପାଳନରେ ଅନିୟମିତତା

**ରାଜନଗର/ଓଳାଭର,୩୧ା୧(ସମିସ)**

ରାଜକନିକା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପୁଣି ଏକ ବିବାଦରେ ଛନ୍ଦି ହୋଇ ପଡ଼ିଛି। ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଅନ୍ତର୍ଗତ ଚଳିତ ମାସରୁ ଆରମ୍ଭ ହୋଇଥିବା କିଶୋରୀ ବାଳିକା ମେଳା ଆରମ୍ଭ ହେଉ ହେଉ ଏଥିରେ ଦୁର୍ନୀତିର ଗନ୍ଧ ବାରି ହୋଇପଡ଼ିଲାଣି। ଫଳରେ ସବୁବେଳେ ବିବାଦରେ ଥିବା ଏହି କାର୍ଯ୍ୟାଳୟ ଏବେ ପୁଣି ନୂଆ ଏକ ବିବାଦରେ ଛନ୍ଦିହୋଇ ପଡ଼ିଛି। ସୂଚନା ଅନୁସାରେ ସମୁଦାୟ ଏହି କାର୍ଯ୍ୟାଳୟ ଅଧିନରେ ରହିଛି ନଅ ଗୋଟି ସେକ୍ଟର। ସମୁଦାୟ ଅଙ୍ଗନବାଡ଼ି କେନ୍ଦ୍ର ସଂଖ୍ୟା ହେଉଛି ୨୧୫ । କିଶୋରୀ ବାଳିକା ମେଳା ପାଳନ ୨୯ଟି ପଞ୍ଚାୟତରେ ହେବାର ଆବଶ୍ୟକତା ଥିବା ବେଳେ କିନ୍ତୁ ତାହା ହେଇ ନାହିଁ। ମାତ୍ର ୨୦ଟି ପଞ୍ଚାୟତରେ କିଶୋରୀ ବାଳିକା ମେଳା ପାଳନର ସ୍ୱିରୀକୃତ ନୋଟିସ ଇତି ମଧ୍ୟରେ ସମସ୍ତ ୨୯ଟି ପଞ୍ଚାୟତ ସରପଞ୍ଚମାନଙ୍କୁ ପ୍ରେରଣ କରାଯାଇଛି । ବାକି ୯ ଟି ପଞ୍ଚାୟତକୁ କିନ୍ତୁ

● ପ୍ରତି ପଞ୍ଚାୟତରେ ହୋଇନି ପାଳନ
● ଅର୍ଥ ଭାଗବଣ୍ଟା ଅଭିଯୋଗ

ଚତୁରତାର ସହ ୨୦ ପଞ୍ଚାୟତ ଲିଷ୍ଟରେ ଭର୍ତ୍ତି କରାଯାଇ ବିବାଦକୁ ଟାଣି ଆଣିଛି। ଗୋଟିଏ ପଞ୍ଚାୟତରୁ ଆର ପଞ୍ଚାୟତର ଦୂରତା ବେଶୀ ଥିବାରୁ ନିର୍ଦ୍ଧାରିତ ସମୟରେ କିଶୋରୀ ବାଳିକା ପହଞ୍ଚି ପାରିଲେ ନାହିଁ। ତାହା ବିଚାର ସାପେକ୍ଷ। ଅପରପକ୍ଷରେ ସରପଞ୍ଚମାନେ ବି ନିଜ ନିଜ ପଞ୍ଚାୟତରେ କିଶୋରୀ ବାଳିକା ମେଳା ପାଳନ କରାଯାଉ ବୋଲି ଯୁକ୍ତି ବାଢ଼ିଛନ୍ତି। ଏସବୁ ଭିତରେ ଆଉ ଏକ ଅନିୟମିତତା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏହି ମେଳା ନିମନ୍ତେ ଆସିଥିବା ଅର୍ଥରାଶିର ସିଂହଭାଗ ଏବେ କାର୍ଯ୍ୟାଳୟ କିରାଣୀ ଆଉ ସିଡିପିଓଙ୍କ ହାତରେ ଥିବା ବେଳେ ସୁପରଭାଇଜରମାନେ ବି ହାତ ସଫେଇ କରି ଥିବାର ଚର୍ଚ୍ଚା ହେଉଛି। ଏମିତିକି ଗୋଟେ ଦୁଇଟି ଫ୍ଲେକ୍ସ ବ୍ୟାନର କରା ଯାଇ ସେଥିରେ ସାଧା କାଗଜ ମରାଯାଇ ସମଗ୍ର ବ୍ଲକର ବିଭିନ୍ନ ପଞ୍ଚାୟତ କିଶୋରୀ ମେଳାରେ ଟଙ୍ଗା ଯାଇଥିବାର ଦେଖାଯାଉଛି। ଏହାସହିତ ସରକାରଙ୍କ ଏହି ମହତ୍ୱକାକ୍ଷୀ ଯୋଜନାକୁ ଯେଉଁ ଢଙ୍ଗରେ ପାଳନ କରାଯିବାର ଲକ୍ଷ୍ୟ ରହିଛି ତାହା ମଧ୍ୟ ଏଠାରେ ପଥ ହୁଡିଥିବା ଜଳ ଜଳ ଦିଶୁଛି। ଫଳରେ କିଶୋରୀ ବାଳିକା ମେଳା ପାଇଁ ଆସିଥିବା ଅର୍ଥ ବାଟମାରଣା ହୋଇଥିବାର ଅଭିଯୋଗ ହେଉଛି। ନାମ ପ୍ରକାଶ ନ କରି ବହୁ ଅଙ୍ଗନବାଡ଼ି କର୍ମୀ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିବା ବେଳେ ଅଫିସ ସବୁବେଳେ ବିଭିନ୍ନ ବାଟରେ ତାଙ୍କୁ ଶୋଷଣ କରୁଥିବା କଥା କ୍ଷୋଭର ସହ କହିଥିଲେ। ଏହା ପୂର୍ବରୁ ମଧ୍ୟ ପିଲାଙ୍କ ଖେଳନା କିଣା, ମେଡିକାଲ କଟ୍ କିଣା, ଜୋତା, ମୋଜା ଆଉ ସୁଇଟର, ଡ୍ରେସ୍ କିଣାରେ ଅତି ନିମ୍ନମାନର ସାମଗ୍ରୀ ଦିଆ ଯାଇ ବ୍ୟାପକ ଅନିୟମିତତା ସମ୍ପର୍କରେ ଅଭିଯୋଗ ହୋଇଥିଲା। ଏମିତିକି ନିର୍ଦ୍ଦିଷ୍ଟ ଏକ ବ୍ୟବସାୟୀକୁ ଅହେତୁକ ଅନୁକମ୍ପା ଦେଖାଇ କାର୍ଯ୍ୟାଳୟ ମୋଟା ଅଙ୍କର ଅର୍ଥ ଆଦାୟ ସହିତ ମଧ୍ୟ ଉପହାର ଗ୍ରହଣ କରିଥିବାର ଚର୍ଚ୍ଚା ହେଉଛି।

ଏ ସମ୍ପର୍କରେ ବହୁବାର ଗଣମାଧ୍ୟମରେ ଚର୍ଚ୍ଚା ହେବା ସତ୍ତ୍ୱେ ବି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ସାଧାରଣରେ ଚକିତ କରୁଛି। ଏଠାରେ ଦୁର୍ନୀତି ଏବେ ଚରମ ସୀମାରେ ପହଞ୍ଚିଥିବାରୁ ସମସ୍ତ ପ୍ରସଙ୍ଗ ଉପରେ ଉଚ୍ଚାଧିକାରୀ ତଦନ୍ତ କରି ସ୍ୱଚ୍ଛତା ଆଣିବା ଦରକାର। ଅନ୍ୟଥା ମହିଳା ଓ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ବିନାଶ ଆଡ଼କୁ ଚାଲିଯିବ ବୋଲି ମଧ୍ୟ ଜଳ ଜଳ ଦିଶୁଛି।

## କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ଆଲୋଚନାଚକ୍ର




**କେନ୍ଦ୍ରାପଡା,୩୧ା୧(ସମିସ):** ଆଜି କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ଗାନ୍ଧୀ ଭବନରେ 'ନୂଆ-ଓ' କାର୍ଯ୍ୟକ୍ରମ ମାଧ୍ୟମରେ 'ବିଶ୍ୱ ଓଡିଆ ଭାଷା ସମ୍ମିଳନୀ' ଉପଲକ୍ଷେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ଦାୟିତ୍ୱରେ ଥିବା ଡ. ପ୍ରଭାକର ମଲ୍ଲିକ ସଭାପତିତ୍ୱ କରିଥିବାବେଳେ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ ପୂର୍ବତନ ଶାସନ ସଚିବ ଡ. ଅଲେଖ ଚନ୍ଦ୍ର ପଡିହାରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କିତ ବକ୍ତବ୍ୟ ରଖିଥିବାବେଳେ ଅନ୍ୟତମ ସମ୍ମାନୀତ ଅତିଥି ପ୍ରଫେସର ନିତ୍ୟାନନ୍ଦ ସାହୁ ଓଡିଆ ଭାଷାର ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଡ. ଅପର୍ଣ୍ଣା ମହାନ୍ତି ଓଡିଆ ସାହିତ୍ୟ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଓଡିଆ ବିଭାଗର ମୁଖ୍ୟ ମନିଷାକାନ୍ତି ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧିକାରୀ ନିଲେଶ କୁମାର ଦାସ ସଂଯୋଜନା କରିଥିଲେ । ଅଧ୍ୟାପକ ଚନ୍ଦ୍ରକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ଆରମ୍ଭ ହୋଇଥିବା ପ୍ରଥମ ଅଧିବେଶନରେ “ଅତୀତ ଓ ସାଂପ୍ରତିକ ପ୍ରେକ୍ଷାପଟରେ ଓଡିଆ ସାହିତ୍ୟ” ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତିତ୍ୱ କରିଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଓଡିଆ ବିଭାଗର ମୁଖ୍ୟ ପ୍ରଫେସର ନାରାୟଣ ସାହୁ, ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା।

## ଗାନ୍ଧୀ ସ୍ମୃତିପୀଠରେ ଶହୀଦ ଦିବସ

**ଡେରାବିଶ,୩୧ା୧(ସମିସ):** ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅନ୍ତର୍ଗତ ବଡ଼ସଲାରୋ ଗ୍ରାମ ଉପକଣ୍ଠ ସଲାରୋ ମଠ ପରିସରରେ ମହାତ୍ମାଗାନ୍ଧୀଙ୍କ ନିଧନ ଦିବସ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି। ଆଞ୍ଚଳିକ ଜନକଲ୍ୟାଣ ସମିତି ଓ ଗାନ୍ଧି ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ସ୍ମୃତିପୀଠ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପଦାନ କରାଯାଇଥିଲା। ରାଜ୍ୟପାଳ ପୁରସ୍କୃତ ଅବସରପ୍ରାପ୍ତ ଶିକ୍ଷକ ସୁବୋଧ ପରିଡ଼ାଙ୍କ ତତ୍ତ୍ୱାବଧାନରେ ସଂଜତ କୁମାର ପରିଡ଼ା, ରନ କୁମାର ସ୍ୱାଇଁ, ପ୍ରକାଶ କୁମାର ପରିଡ଼ା, କଳିଙ୍ଗ କେଶରୀ ପରିଡ଼ା, କାଳନ୍ଦି ପଲାଇ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ଶେଷ ଦୁଇଜଣ ସ୍ୱାଧିନତା ସଂଗ୍ରାମୀ ବିମ୍ବାଧର ମୁଦୁଲି ଓ ଫକିର ମୋହନ ଦାସ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସଂଗ୍ରାମୀ ଜୀବନର ସ୍ମୃତି ଚାରଣ କରିଥିଲେ। ଡାଳିଜୀ ଓ ସଲାରୋ ଗ୍ରାମର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏକ ଶୋଭାଯାତ୍ରାରେ ଆସି ରାମଧୂନ ଗାନ କରିଥିଲେ। ଗ୍ରାମର ଦୁଇଜଣ ସ୍ୱାଧିନତା ସଂଗ୍ରାମୀ ତ୍ରିଲୋଚନ ପରିଡ଼ା ଓ ବୃନ୍ଦାବନ



ପଲେଇଙ୍କ ଉତ୍ତରାଧିକାରୀ ପ୍ରିତିରଞ୍ଜନ ପରିଡ଼ା ଓ ନଗେନ୍ଦ୍ର ପଲେଇ ସମବେତ ଅତିଥିଙ୍କ ଚର୍ଚ୍ଚା କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ସ୍ୱାଧିନତା ସଂଗ୍ରାମୀ ପରିଷଦର ସକ୍ରିୟ କର୍ମୀ ପଦ୍ମନାଭ ଦାସ, କୁଳମଣି ରାଉତ, ବାଉରୀବନ୍ଧୁ ଦାଶ, ପଞ୍ଚାନନ ଦାଶ, ଅମୂଲ୍ୟାନନ୍ଦ ସାହୁ, ନିରଞ୍ଜନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ବରିଷ୍ଠ ନାଗରିକ ସଂଘର ବୈଠକ




**ବାଲିକୁଦା,୩୧ା୧(ସମିସ):** ବାଲିକୁଦା ବ୍ଲକର ସରକାରୀ ସ୍ୱୀକୃତି ପ୍ରାପ୍ତ ବରିଷ୍ଠ ନାଗରିକ ସଂଘର ୧୩ତମ ମାସିକ ବୈଠକ ବାଲିକୁଦା ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି ।ସଂଘର ସଭାପତି ଶରତ କିଶୋର କାନୁନଗୋଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବୈଠକରେ ଅତିଥି ଭାବେ ଥାନା ଅଧିକାରୀ ସଲୀଳ କୁମାର ପ୍ରଧାନ, ବାଲିକୁଦା ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଜ୍ଞାନେନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇ ବରିଷ୍ଠ ନାଗରିକ ମାନଙ୍କ ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ଏହି ଅବସରରେ ସଂଘରେ ନୂତନ ଭାବେ ପଞ୍ଜିକୃତ ହୋଇଥିବା ୪୫ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକମାନଙ୍କୁ ପରିଚୟ ପତ୍ର ଓ ୩୦ଜଣଙ୍କୁ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯାଇଥିଲା। ବୈଠକରେ ସଂଘର କାର୍ଯ୍ୟକାରୀ ସମ୍ପାଦକ ନଗେନ୍ଦ୍ର ନାଥ ପରିଡା ପୂର୍ବମାସର ବିବରଣୀ ପ୍ରଦାନ କରିଥିବା ବେଳେ ଅନିରୁଦ୍ଧ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ବିଜୟ କୁମାର ଜେନା, କୃଷ୍ଣଚନ୍ଦ୍ର ସାହୁ, ରବିନ୍ଦ୍ର ଜେନା, ଚଅଁରପୁର ଶାଖାର ସଭାପତି ମାନସ ରଞ୍ଜନ ପରିଡା, ବୋରିକିନା ଶାଖା ସଭାପତି ସଦାଶିବ ଷଡ଼ଙ୍ଗୀ, ସମ୍ପାଦକ ବଂଶୀଧର ଶତପଥୀ, ପ୍ରଫୁଲ ଚୌଧୁରୀ,କ୍ଷେତ୍ରମୋହନ ସାହୁ, ଧର୍ମାନନ୍ଦ ବିଶ୍ୱାଳ, ପ୍ରକାଶ କୁମାର ରାୟଙ୍କ ସହ ଶତାଧିକ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

## ଛାତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ ପୁରସ୍କୃତ

**ବିରିଡ଼ି,୩୧ା୧(ସମିସ):** ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ବିରିଡି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୭୫ତମ ଗଣତନ୍ତ୍ର ଦିବସ ମହାସମାରୋହରେ ପାଳନ ହୋଇଯାଇଛି ।ମଣ୍ଡଳ ଶିକ୍ଷାଅଧିକାରୀ ସୌଦାମିନୀ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ଥିବା ଅଣଖିଆ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଅଣଖିଆର ଛାତ୍ରଛାତ୍ରୀଙ୍କ ସହିତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ମହାତ୍ମା ଗାନ୍ଧୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ପରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଅଣଖିଆର ଚତୁର୍ଥ ଶ୍ରେଣୀ ଛାତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ ସିଂଙ୍କୁ ଉତ୍ତମ ଛାତ୍ରୀ ଭାବେ ପୁରସ୍କୃତ କରିଥିଲେ।

## ସଚ୍ଚିଦାନନ୍ଦ ସ୍ମାରକୀ ପ୍ରତିଭା ବିକାଶ ବାର୍ଷିକୋତ୍ସବ

**ଡେରାବିଶ,୩୧ା୧ (ସମିସ):** ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟ ଖେଳପଡ଼ିଆରେ ସଚିଦାନନ୍ଦ ସ୍ମାରକୀ ପ୍ରତିଭା ବିକାଶ ପରିଷଦ ୩୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ପରିଷଦର ପ୍ରତିଷ୍ଠାତା ସଭାପତି ଅଧ୍ୟାପକ ରମେଶ ଚନ୍ଦ୍ର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ଅନନ୍ତ କୁମାର ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଛାତ୍ର ଦୁର୍ଗାମାଧବ ପଣ୍ଡା ବେଦପାଠ କରିଥିବା ବେଳେ ଛାତ୍ର ଶୀତିକଣ୍ଠ ସ୍ୱାଗତସଙ୍ଗୀତ ଗାନ କରିଥିଲେ ଓ ସହଶ୍ରାବ୍ଦି ଶତପଥୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଶତାବ୍ଦୀ ଶତପଥି ମଞ୍ଚ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଶିକ୍ଷାବିତ୍ ଶରତ ଚନ୍ଦ୍ର ଜେନା, ସୁଖଦାନନ୍ଦ ପ୍ରଧାନ, ହରିଅଙ୍କ ସରପଞ୍ଚ କନକଲତା ପ୍ରଧାନ, ସମିତିସଭ୍ୟା ସଂଯୁକ୍ତା ଜେନା, ଶଙ୍କର୍ଷଣ ଓଝା ଯୋଗ ଦେଇଥିଲେ। ଏହି ଅବସରେ ଡେରାବିଶ, ଗରଦପୁର, କେନ୍ଦ୍ରାପଡ଼ା ଓ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର

**ତିର୍ତ୍ତୋଲ,୩୧ା୧(ସମିସ):** ତିର୍ତ୍ତୋଲ ବ୍ଲକ ବୋଧେଇ ପଞ୍ଚାୟତ କାର୍ଯ୍ୟାଳୟଠାରେ ରାଜ୍ୟସରକାରଙ୍କ 'ଆମ ଓଡିଶା ନବୀନ ଓଡିଶା' ତରଫରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ସରପଞ୍ଚ ଯଶ୍ମିନୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ତିର୍ତ୍ତୋଲ ବିଡିଓ ତପନ କୁମାର ସେନାପତି, ଜ୍ଲାପରିଷଦ ସଭ୍ୟ ଗଙ୍ଗାଧର ବିଶ୍ୱାଳ, ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ବିଷ୍ଣୁପ୍ରସାଦ କାନୁନଗୋ, ଶିକ୍ଷାବିତ ପଦ୍ମଚରଣ ବିଶ୍ୱାଳ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସନାତନ ଦଳାଇ ଯୋଗଦେଇ ରାଜ୍ୟସରକାରଙ୍କ ଜନକଲ୍ୟାଣ ଯୋଜନା ଉପରେ ଆଲୋକପାତ କରିଥିଲେ। ନୃସିଂହ ଚରଣ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ସମାଜସେବୀ ଅଭିରାମ ଆଚାର୍ଯ୍ୟ, ପିଇଓ ଲତିକା ମଞ୍ଜରୀ ରାଉତ, ବୋଧେଇ କୃଷି ସମବାୟ ସମିତି ସଭାପତି କେଦାର ସ୍ୱାଇଁ, କେଦାର ସାମଲ, ଜିଆରଏସ୍ ଅରବିନ୍ଦ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ପାଲା ମାଧ୍ୟମରେ ରାଜ୍ୟସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଓ ରାଜ୍ୟସରକାରଙ୍କ ବିଭିନ୍ନ ବିଭାଗର ଜନହିତକର ଯୋଜନାର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ସେହିପରି ଇବ୍ରସିଂ ପଞ୍ଚାୟତ ଶନି ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ, ତିର୍ତ୍ତୋଲ ବିଡିଓ, ଜିପିଓ ବିଶ୍ୱଜିତ ମହାପାତ୍ର, ସମିତି ସଭ୍ୟା ସୁଭଦ୍ରା ଦାସ, ବରିଷ୍ଠ ନାଗରିକ ରବୀନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠି ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନାର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ବୈରାଗୀ ବାରିକ ଓ ପ୍ରସନ୍ନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚତୁର୍ଥ ଅବଦୁଲ କରିମ୍ ଖାନ ମେମୋରିଆଲ ଟ୍ରଫି ଫୁଟ୍‌ବଲ

# କଟକର ଇଣ୍ଡିପେଣ୍ଡେନ୍ସ କ୍ଲବ ବିଜୟୀ

**କେନ୍ଦ୍ରାପଡ଼ା,୩୧ା୧(ସମିସ)**

ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ ଚତୁର୍ଥ ବାର୍ଷିକ ସର୍ବ ଭାରତୀୟ ଅବଦୁଲ କରିମ୍ ଖାନ୍ ମେମୋରିଆଲ ଟ୍ରଫି-୨୦୨୪ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ସଲିମ ଖାନ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚକୁ ବିଜେପି ନେତା ସୁନାକର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସାମ୍ବାଦିକ ଗଣେଶ ସାମଲ, ରାଜେଶ ବେହେରା, ସାବିର ଖାନ୍ ଓ ଯୁବ ନେତା ଅଭିମନ୍ୟୁ ଗୋଛାୟତ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ସେମି ଫାଇନାଲ ମ୍ୟାଚ କଟକର ଇଣ୍ଡିପେଣ୍ଡେନ୍ସ



କ୍ଲବ ଓ କଟକର ବିଡାନାସୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଇଣ୍ଡିପେଣ୍ଡେନ୍ସ କ୍ଲବ ବିଡାନାସୀ କ୍ଲବକୁ ୪-୦ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଇଣ୍ଡିପେଣ୍ଡେନ୍ସ କ୍ଲବର ଖେଳାଳୀ ସେକ ଫରିଦ୍ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ମ୍ୟାଚକୁ ମୁଖ୍ୟ ରେଫରୀ ସୁଜିତ ଦାସଙ୍କ ସମେତ ଲକ୍ଷ୍ମଣ ସୋରେନ୍, ସନ୍ଦୀପ ଦାସ, ଯୋଗି ପଲେଇ ଓ ସେକ ମୋକିମ ପ୍ରମୁଖ ରେଫରୀମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ(ମନ୍ତୁ), ଉପସଭାପତି ସେକ ସଫାତୁଲ୍ଲା, ସମିଉଲ୍ଲାଟାନ(ଜୁମା), ଅକିଲ ଅହେମ୍ମଦ, ସେକ ଫରିଦୁଦ୍ଦିନ, ସେକ ବୁରାନ ଅଲ୍ଲୀ, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ସମ୍ପାଦକ ମୀର ଜରାର୍, ଆୟାଜ୍ ମହମ୍ମଦ ପ୍ରମୁଖ ମଞ୍ଚାସୀନ ଥିଲେ ।

